ମୂଲ୍ୟଃ ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ନଭେମ୍ବର ୧୮ – ଡିସେମ୍ବର ୧, ୨୦୨୧


୨ ବହି ବିଶେଷ : ମୃଣାଳ ଚାଟାର୍ଜୀ

୪ ସ୍ମରଣୀୟ : ଶ୍ରଦ୍ଧାକର ସୁପକାର

୩ ଅନୁବାଦ ଗଳ୍ପ : ଡ. ସୂଚନା ପାଢ଼ୀ

୬ ଗଳ୍ପ : ଡ. ନାରାୟଣ ବାରିକ




# ନାରୀ ସଂଗ୍ରାମର ଇତିକଥା





ଡ. ମୃଣାଳ ଚାଟାର୍ଜୀ

**ପୁସ୍ତକ:** ଲେଡି ଡକ୍ଟର୍ସ (ଭାଷା: ଇଂଲିଶ୍)
**ଲେଖିକା:** କବିତା ରାଓ
**ପ୍ରକାଶକ:** ୱେଷ୍ଟ ଲାଣ୍ଡ, **ପୃଷ୍ଠା:** ୨୮୦, **ମୂଲ୍ୟ:** ଟ. ୪୯୯/-

ମୁକ୍ତ ବୃତ୍ତି ସାମ୍ବାଦିକା ଏବଂ ସମ୍ପାଦକ କବିତା ରାଓଙ୍କର ଏ ବହିଟି ଭାରତବର୍ଷର ପ୍ରଥମ ଛ' ଜଣ ମହିଳା ଡାକ୍ତରଙ୍କ ବିଷୟରେ। କାଳଖଣ୍ଡ ୧୮୬୦ରୁ ୧୯୩୦।

ଏ ବହିଟିକୁ ପଢ଼ିଲେ ପାଠକ ଜାଣିପାରିବେ, ଯେଉଁ ମହିଳାମାନେ ପ୍ରଥମେ ଡାକ୍ତର ହେଇଥିଲେ, ସେମାନେ କିପରି ସ୍ଥିତିରେ, କି ଦାରୁଣ ସଂଘର୍ଷ ଭିତରେ ପାଠପଢ଼ି ଡାକ୍ତର ହେଲେ। ଏ ବହିଟି କେବଳ ଡାକ୍ତରୀ ପାଠ ପଢ଼ିଥିବା ମହିଳାମାନଙ୍କ କଥା ନୁହେଁ, ବରଂ ମହିଳାମାନଙ୍କ ସାମାଜିକ ଉତ୍ତରଣର କାହାଣୀ। ଅଦମ୍ୟ ସାହସ ଏବଂ ଧୈର୍ଯ୍ୟର କାହାଣୀ। ଯେଉଁ କେତେଜଣ ମହିଳା ଡାକ୍ତରଙ୍କ କଥା କବିତା ରାଓ ଏ ବହିରେ ଲେଖିଛନ୍ତି, ସେମାନେ ବିଭିନ୍ନ ସାମାଜିକ ସ୍ଥିତି ଏବଂ ସ୍ତରରୁ ଆସିଛନ୍ତି। କିନ୍ତୁ ଲଢ଼େଇ ସମସ୍ତଙ୍କୁ କରିବାକୁ ପଡ଼ିଛି। କାହାକୁ ନିଜ ପରିବାର ବିରୋଧରେ, କାହାକୁ ସମାଜର ବିଭିନ୍ନ ବ୍ୟବସ୍ଥା ବିରୋଧରେ ତ କାହାକୁ ପୁରୁଷପ୍ରଧାନ ସାମାଜିକ ବିନ୍ୟାସ ବିରୋଧରେ।

ଭାରତର ପ୍ରଥମ ମହିଳା ଡାକ୍ତର ହେଲେ ଆନନ୍ଦୀବାଇ ଯୋଶୀ। ତାଙ୍କୁ ଡାକ୍ତରୀ ପାଠ ପଢ଼ାଇବାରେ ସ୍ୱାମୀ ସାହାଯ୍ୟ କରିଥିଲେ। ହେଲେ ସେ ତାଙ୍କ ଉପରେ କମ୍ ଅତ୍ୟାଚାର କରୁ ନ ଥିଲେ। ଆନନ୍ଦୀବାଇ ଯୋଶୀ ତତ୍କାଳୀନ ସମୟରେ ସମାଜର ଯେଉଁ ରୀତିନୀତି ଥିଲା, ଜାତିପ୍ରଥାର ଯେଉଁ ବନ୍ଧନ ଥିଲା, ତା' ବିରୋଧରେ ଲଢ଼ି ବିଦେଶ ଯାଇଥିଲେ। ବିଦେଶରେ ପାଠ ପଢ଼ିଥିଲେ। କେବଳ ଡାକ୍ତରୀ ପଢ଼ି ନ ଥିଲେ, ସେତେବେଳର ସମାଜରେ ମହିଳାମାନଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଥିଲା, ତା' ବିରୋଧରେ ମୁହଁ ଖୋଲି ସେ ଅନ୍ୟର ଆକ୍ରୋଶର ଶରବ୍ୟ ହେଇଛନ୍ତି। ସେ ଡାକ୍ତରୀ କରିପାରି ନ ଥିଲେ। ଖୁବ୍ ଅଳ୍ପ ବୟସରେ ତାଙ୍କର ଦେହାନ୍ତ ହୋଇ ଯାଇଥିଲା।




ଭାରତର ପ୍ରଥମ ପେସାଦାର ମହିଳା ଡାକ୍ତର ହେଲେ ବଙ୍ଗଳାର କାଦମ୍ବିନୀ ଗାଙ୍ଗୁଲି। କାଦମ୍ବିନୀ ଯେତେବେଳେ ଡାକ୍ତର ହେଲେ, ସେତେବେଳକୁ ସେ ମା' ହୋଇ ସାରିଥିଲେ। ସନ୍ତାନ ଲାଳନପାଳନ, ପରିବାରର ଦେଖାଶୁଣା ସହିତ ସେ ଡାକ୍ତରୀ ପେସାରେ ଥିଲେ। ବଙ୍ଗଳାର ବ୍ରାହ୍ମସମାଜ ତାଙ୍କୁ ପ୍ରୋତ୍ସାହନ ଦେଇଥିଲା। ତାଙ୍କ ସ୍ୱାମୀ ମଧ୍ୟ ତାଙ୍କୁ ପ୍ରୋତ୍ସାହନ ଦେଇଥିଲେ। କିନ୍ତୁ ପୁରୁଷପ୍ରଧାନ ସମାଜର ରୂଢ଼ିବାଦୀ ମାନସିକତା ବିରୋଧରେ ତାଙ୍କୁ ଲଢ଼ିବାକୁ ପଡ଼ିଥିଲା। ଏକ ରୂଢ଼ିବାଦୀ ଖବରକାଗଜରେ ତାଙ୍କୁ ବେଶ୍ୟା ବୋଲି ମଧ୍ୟ କୁହାଯାଇଥିଲା। ଏମିତି ଅବସ୍ଥାରେ କାଦମ୍ବିନୀ ଗାଙ୍ଗୁଲି ଡାକ୍ତରୀ ପେସାରେ କାମ କରିଛନ୍ତି।

କାଦମ୍ବିନୀଙ୍କୁ ଡାକ୍ତର ହେବାପାଇଁ ତାଙ୍କ ସ୍ୱାମୀ ସାହାଯ୍ୟ କରିଥିଲେ। ଠିକ୍ ବିପରୀତ କଥା ହୋଇଥିଲା ରୁକ୍ମାବାଇ ରାଉତଙ୍କ କ୍ଷେତ୍ରରେ। ପିଲାବେଳେ ତାଙ୍କୁ ବାହାଘର କରିଦିଆଯାଇଥିଲା। କିନ୍ତୁ ସେ ସ୍ୱାମୀଙ୍କ ସହିତ ରହିବା ପାଇଁ ଚାହିଁଲେ ନାହିଁ। ସେ ସମୟର ସାମାଜିକ ବାଧାବିଘ୍ନ ସହ ଲଢ଼େଇ କଲେ, କୋର୍ଟକୁ ଗଲେ। ଏ ଯେଉଁ ସାମାଜିକ ବାଧା ତାଙ୍କ ଉପରେ ଲଦିଦିଆଯାଇଥିଲା, ବାଲଗଙ୍ଗାଧର ତିଲକ ମଧ୍ୟ ସେଥିରେ ସାମିଲ ଥିଲେ। କିନ୍ତୁ ପଢ଼ିବାର ଅଦମ୍ୟ ଇଚ୍ଛା ତାଙ୍କୁ ଡାକ୍ତରୀ ପାଠ ପଢ଼ିବା ଦିଗରେ ଆଗେଇ ନେଇଥିଲା।

ସେମିତି ଆଉ ଜଣେ ମହିଳା ଡାକ୍ତର ହେଲେ ହୈମବତୀ ସେନ୍। ଖୁବ୍ କମ୍ ବୟସରେ ବିଧବା ହେଇଥିଲେ। ଗରିବ ପରିବାରର ଝିଅ ଥିଲେ ସେ। ଦାରିଦ୍ର୍ୟ ଏବଂ ସାମାଜିକ ବାଧାବନ୍ଧନ ବିରୋଧରେ ଲଢ଼େଇ କରି ସେ ଡାକ୍ତର ହେଇଥିଲେ।

ଦକ୍ଷିଣ ଭାରତରେ ପ୍ରଥମ ଡାକ୍ତର ହେଇଥିଲେ ମୁଥୁଲକ୍ଷ୍ମୀ ରେଡ୍ଡି। ତାଙ୍କ କାହାଣୀ ଅତ୍ୟନ୍ତ ନାଟକୀୟ। ସେ ଯେ କେବଳ ଡାକ୍ତରୀ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିଲେ ତାହା ନୁହେଁ, ମହିଳାମାନଙ୍କର ଅଧିକାର ପାଇଁ ବି ସେ ଲଢ଼େଇ କରିଛନ୍ତି। ମହିଳାମାନଙ୍କୁ ଭୋଟ୍ ଦେବାର ଅଧିକାର ଦେବାପାଇଁ, ବାଲ୍ୟବିବାହ ବିରୋଧରେ, ଦେବଦାସୀ ପ୍ରଥା ବିରୋଧରେ ସ୍ୱରୋତ୍ତୋଳନ କରିଛନ୍ତି। ଅନେକ ସାମାଜିକ ଉନ୍ନତିମୂଳକ କାମ ସେ କରିଛନ୍ତି। ମାନ୍ଦ୍ରାଜରେ (ବର୍ତ୍ତମାନ ଚେନ୍ନାଇ) ଆଡିୟାର କ୍ୟାନ୍ସର ଇନ୍ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରିବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। ପିତୃମାତୃହରା ଅନାଥ ଝିଅମାନଙ୍କ ପାଇଁ କନ୍ୟାଶ୍ରମ 'ଅଭୟ ହୋମ୍' ବି ତାଙ୍କ ହାତଗଢ଼ା।

ଏମିତି ସାହସର କଥା ଆମେ ମେରୀ ପୁନେନଲୁକୋସେଙ୍କ ଠାରେ ମଧ୍ୟ ପାଇପାରିବା। ସେ ପ୍ରଥମ ମହିଳା ସର୍ଜନ ହୋଇ ପାରିଥିଲେ। କେରଳରେ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବାର ଭିତ୍ତିସ୍ଥାପନ କରିବା ଦିଗରେ ତାଙ୍କର ଅନେକ ଅବଦାନ ରହିଛି। ସେ ଥିଲେ କେରଳର ପ୍ରଥମ ବିଧାୟିକା।

ରୁକ୍ମାବାଇ ରାଉତଙ୍କ ଉପରେ ୨୦୧୬ରେ ମରାଠୀ ଭାଷାରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଛି। କାଦମ୍ବିନୀ ଗାଙ୍ଗୁଲିଙ୍କ ଜୀବନ କାହାଣୀକୁ ନେଇ ସମ୍ପ୍ରତି ବଙ୍ଗଳାରେ ଏକ ଟେଲିଭିଜନ ଧାରାବାହିକୀ ତିଆରି ହୋଇଛି। କିନ୍ତୁ ଭାରତବର୍ଷର ପ୍ରଥମ ମହିଳା ଡାକ୍ତରଙ୍କ ଜୀବନ କାହାଣୀକୁ ଏଭଳି ଭାବେ ଗୋଟେ ପୁସ୍ତକରେ ଆଗରୁ କେବେ କୁହାଯାଇ ନ ଥିଲା। ବେଶ୍ କିଛି ଦୃଷ୍ଟିରୁ ପୁସ୍ତକଟି ପଠନୀୟ। ଯେଉଁ ମହିଳାମାନେ ସାମାଜିକ ବିଧିବନ୍ଧନ ସତ୍ତ୍ୱେ ଅଦମ୍ୟ ସାହସ ଓ ଜିଦ୍‌ର ସହ କେବଳ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ନୁହେଁ, ସମଗ୍ର ନାରୀସମାଜ ପାଇଁ ଆଦର୍ଶ ହୋଇଛନ୍ତି, ସେମାନଙ୍କ କଥା କୁହାଯାଇଛି ବହିଟିରେ। ଏହା ଝିଅମାନଙ୍କର ବିଗତ ଦିନର କାହାଣୀ। ଏ କାହାଣୀ ସେମାନେ ଜାଣିବା ଜରୁରୀ।

# କହିଲେ କହିବ କହୁଛି

କ୍ଷେତ୍ର ମୋହନ ମହାରଣା

ଲଘୁ କଥା

ବସ୍ ଚାଲିଲା।

ସମସ୍ତ ଯାତ୍ରୀ ଦୋହଲିଗଲେ ଥରେ। ଠେଲାପେଲା ଧକ୍କାଧକ୍କା ଭିତରେ କିଏ କାହା ଦେହରେ ଧକ୍କା ଖାଇଲା ଚିନ୍ତା କରିବାର ସମୟ ନାହିଁ। ଯେକୌଣସି ପ୍ରକାରେ ଗନ୍ତବ୍ୟସ୍ଥଳରେ ସଶରୀରରେ ଉପସ୍ଥିତ ହୋଇପାରିଲେ ଉପରବାଲାର ଜୟ। ତା'ପରେ ଦେଖାଯିବ କ'ଣ ଘଟୁଛି!

ମୁଁ କିନ୍ତୁ ନୀରବ... ନିଶ୍ଚଳ। କେଉଁ ଦିଗକୁ ଢଳିପଡ଼ିବା, କାହା ସହିତ ଧକ୍କା ଖାଇବାର ଭୟ ମୋର ନାହିଁ। ସମ୍ଭାବନା ବି ନାହିଁ। ଏ ପ୍ରକାର ପରିସ୍ଥିତି ସହିତ ମୁଁ ବହୁ ପରିଚିତ। ବସ୍‌ର ଡେଲି ପାସେଞ୍ଜର ଜାଣେ ବସ୍ ଯାତ୍ରାରେ କେଉଁପରି ଭାବରେ ନିଜକୁ ନିରାପଦ କରିହେବ। ତେଣୁ ବସ୍‌ର ଲୁହାଖୁଣ୍ଟକୁ ମୁଁ ମୋର ପରମ ଆଶ୍ରୟସ୍ଥଳ ରୂପେ ବାଛିନେଇଛି। ବସ୍‌ରେ ଉଠିଲା ପରଠାରୁ ମୋର ଦୁଇ ସୁସ୍ଥ ସବଳ ହସ୍ତ ଖୁଣ୍ଟ ଦେହରେ ଜାବ ପଡ଼ିଯାଇଛି ଠିକ୍ ମଲାମଣିଷର ହାତପରି। ତଥାପି ମୁଁ ଟିକିଏ ହଲିଗଲି। ଆଉ ସେହି ହଲିଯିବା ଭିତରେ ମୁଁ ଅନୁଭବ କଲି ଏକ ଶକ୍ତ ବସ୍ତୁ ମୋ' ପାଦତଳେ ଧକ୍କା ଖାଇଛି, ପୀଡ଼ା ଅନୁଭବ କଲି ମୁଁ।

ତଳକୁ ଚାହିଁଲି। ଜଣେ ଅଶୀତିପର ବୃଦ୍ଧା ତାଙ୍କ ଗଣ୍ଠିଲି ଓ ଆଶାବାଡ଼ିଟି ସହିତ ମୋ' ପାଦ ଉପରେ ଅଜାଡ଼ି ହୋଇ ପଡ଼ିଛନ୍ତି। ବସ୍‌ର ଏ ଆକସ୍ମିକ ବେଗରେ ବୃଦ୍ଧା ଜଣକ ନିଜର ଭାରସାମ୍ୟ ରକ୍ଷା କରିପାରି ନାହାନ୍ତି। ଆସ୍ତେ ଧରି ତାଙ୍କୁ ଉଠାଇ ବସାଇଦେଲି। ମୋ' ମଥାରେ ହାତ ବୁଲାଇ ବୃଦ୍ଧା ଆଶୀର୍ବାଦ କଲେ- ଠାକୁର ତୋତେ କୋଟି ପରମାୟୁ ଦିଅନ୍ତୁ ପୁଅ! ଦୀର୍ଘଜୀବୀ କରନ୍ତୁ।

ଅଜାଣତରେ ମୋ' ଆଖି ଦୁଇଟି ଲୋତକାପ୍ଲୁତ ହୋଇଉଠିଲା। ମନେମନେ ଭାବିଲି- ଧନ୍ୟ ଏ ଦେଶର ନାରୀ! ଏଠି ଆଘାତ ପାଇଲେ ଆଶୀର୍ବାଦ ମିଳେ। ଆଉ ଆଶୀର୍ବାଦ କାମନା କଲେ ମିଳେ ତାସଲ୍ୟଭରା ଗାଳି। ଅଦ୍ଭୁତ ଏ ଦେଶ।

ତାଙ୍କ ଦୁଃଖ ମୁଁ ଅନୁଭବ କଲି। ଆରାମରେ ବସିବା ପାଇଁ ଆସନଟିଏ ତାଙ୍କର ଲୋଡ଼ା, ମୁଁ ଷ୍ଟାଣ୍ଡିଂ ପାସେଞ୍ଜର। ଚଉଦିଗକୁ ଚାହିଁଲି। ହୁଏତ କେଉଁଠି ଆଡ୍‌ଜଷ୍ଟ କରିହେବ ବୃଦ୍ଧାଙ୍କୁ। କିନ୍ତୁ ନା... ସେ ପ୍ରଶ୍ନ ନାହିଁ। ଆଜିର ଶିକ୍ଷିତ ଯୁବକ ଯେଉଁଠି ଲେଡିଜ୍ ସିଟ୍ ଅଧିକାର କରନ୍ତି, ସେଠି ଆଡ୍‌ଜଷ୍ଟର ପ୍ରଶ୍ନ ଅବାନ୍ତର। ତଥାପି ଆଶା ବୈତରଣୀ ନଦୀ।

ମୁହଁ ଖୋଲିଲି ଲେଡିଜ୍ ସିଟ୍ ଅଧିକାର କରିଥିବା ଯୁବକଙ୍କ ଉଦ୍ଦେଶ୍ୟରେ- ପ୍ଲିଜ୍, ଯଦି ମାଉସୀଙ୍କୁ ଟିକେ ଆଡ୍‌ଜଷ୍ଟ କରି ହୁଅନ୍ତା, ଉପକୃତା ହୁଅନ୍ତେ ସେ। ଏ ପ୍ରକାର ବସ୍‌ଯାତ୍ରା ସହିତ ଆକ୍ୟୁଏଣ୍ଟେଡ୍ ନୁହନ୍ତି ସେ। ଦେଖୁ ନାହାନ୍ତି, ବସ୍ ଧକ୍କାରେ ତାଙ୍କର ଶିରାଳ ବାହୁ କିପରି ରକ୍ତାକ୍ତ।

ବେଶ୍, ଫୋଟକାରେ ନିଆଁ ଧରାଇବା ପାଇଁ ଏତିକି ଇନ୍ଧନ ଯଥେଷ୍ଟ। ତା'ପରେ କ୍ରମାଗତ ବିସ୍ଫୋରଣ ଶବ୍ଦ- ଆହା! କେତେ ଦରଦୀ ଏ ଭଦ୍ରଲୋକରେ? ମମତାର ଗନ୍ତାଘର ସତେକି! ଆଉ ଜଣେ କହିଲେ- ରକ୍ଷା ଅଛି ଭଦ୍ରଲୋକ ଦଧୀଚି ନୁହନ୍ତି। ନ ହେଲେ ଅସ୍ଥି ଦାନ ପାଇଁ ସ୍ୱୀକୃତି ଦିଅନ୍ତେଣି। ଆଉ ଜଣେ- ଯଦି ଏତେ ଦରଦ, ଆପଣଙ୍କ ସିଟ୍‌ଟି ତାଙ୍କୁ ଦିଅନ୍ତୁ।

ତା'ପରେ ତ୍ରିଶକ୍ତିଙ୍କ ମିଳିତ ହର୍ଷଧ୍ୱନିରେ ବସ୍ ଭିତରର ବାତାବରଣ କିଛି ସମୟ ପାଇଁ ସରଗରମ ହୋଇଉଠିଲା। ବୃଦ୍ଧା କରୁଣଭରା ସ୍ୱରରେ କହିଲେ- ଥାଉ ପୁଅ! ଆଉ କେତେ ବାଟକି। ସେମିତି ଚଳିଯିବ।

ଯୁବକ ତିନିଜଣ ମୋ' ମନର ଭାବ ନିରୀକ୍ଷଣ କରିବାକୁ ଚାହିଁଲେ ମୋତେ। ଅଭିପ୍ରାୟ ମୋ' ମନର ପ୍ରତିକ୍ରିୟା ଅନୁଧ୍ୟାନ କରିବା। ମୁଁ ଚାହୁଁଥିଲି ଅସହାୟ ବୃଦ୍ଧାଙ୍କ ପାଇଁ ସିଟ୍‌ଟିଏ। ଉତ୍ତର ପାଇସାରିଛି। ଅନ୍ତରର କୋହ ପ୍ରକାଶ ନ କରି ନୀରବ ରହିବାକୁ ଉଚିତ ମନେକଲି।

ବାତାବରଣକୁ ହାଲୁକା କରିବା ପାଇଁ ତିନୋଟି ସିଗାରେଟ୍ ଏକସଙ୍ଗେ ଜଳିଉଠିଲା। ଗାଡ଼ିସାରା ଘୁରି ବୁଲିଲା ଏକ ସୁମଧୁର ଧୂମ କୁଣ୍ଡଳି। କଣେଇ ଚାହିଁଲି 'ଧୂମପାନ ନିଷେଧ' ବୋର୍ଡଟିକୁ। ମନେମନେ ଭାବିଲି ବାବୁମାନଙ୍କର ପଢ଼ା ବୋଧେ ସେ ଯାଏ ନାହିଁ। ପଢ଼ି ଜାଣିଥିଲେ ତା'ର ଅର୍ଥ ଏବଂ କାରଣ ବୁଝିବାକୁ ଡେରି ହୁଅନ୍ତାନି।

ଗାଡ଼ି ରହିଲା।

ଛୋଟ ଷ୍ଟପେଜ୍‌ଟିଏ। ମାତ୍ର ଦୁଇଜଣ ପାସେଞ୍ଜର ଉଠିଲେ ଗାଡ଼ିକୁ। ଦୁଇଜଣ ଯାକ ଯୁବତୀ। ହୁଏତ ଶିକ୍ଷାନବିସ (ଛାତ୍ରୀ)। ହଠାତ୍ ବସ୍‌ରେ କିଛିଟା ଚାପା ଉତ୍ତେଜନା ଖେଳିଗଲା। ସମସ୍ତେ ନିଜ ନିଜର ପୋଷାକପତ୍ର ତନଖି ନେଲେ। ଦୂରରୁ ଧାଇଁ ଆସୁଥିବା ମାରଣା ପଶୁଟି କବଳରୁ ନିଜକୁ ରକ୍ଷା କରିବା ପାଇଁ ଯଥା ସମ୍ଭବ ନିଜକୁ ସତର୍କ କରିନେବା ପରି ବସ୍‌ର ଷ୍ଟାଣ୍ଡିଂ ପାସେଞ୍ଜର ରାସ୍ତା ଛାଡ଼ିଦେଲେ ଯୁବତୀ ଦୁଇଜଣଙ୍କୁ। ସେମାନେ ନିର୍ବିଘ୍ନରେ ଆଗେଇ ଗଲେ ଲେଡିଜ୍ ସିଟ ଆଡ଼କୁ।

ଯୁବକ ତିନିଜଣ ହଠାତ୍ ଠିଆ ହୋଇଗଲେ ଆଟେସନ୍ ପୋଜିସନ୍‌ରେ। ମଧୁର ହାସ୍ୟର ଝଙ୍କାର ମଧ୍ୟରେ- ପ୍ଲିଜ୍ ଟେକ୍ ଇଓର ସିଟ୍ ମାଡାମ୍। ଉଇ ଆର ଓଏଟିଂ ଫର୍ ଇଉ।

ହଠାତ୍ ଯୁବତୀ ଦୁଇଜଣଙ୍କର ଦୃଷ୍ଟି ପଡ଼ିଲା ବୃଦ୍ଧାଙ୍କ ଉପରେ। ସେମାନେ ସିଟ୍‌ରୁ ଉଠି ଧାଇଁଗଲେ ବୃଦ୍ଧାଙ୍କ ନିକଟକୁ। କହିଲେ- ଆରେ ମାଉସୀ! ଆପଣ ଏମିତି ତଳେ ବସିଛନ୍ତି? ଉଠନ୍ତୁ ଉଠନ୍ତୁ, ସିଟ୍‌କୁ ଆସନ୍ତୁ। ବୃଦ୍ଧାଙ୍କ ଉତ୍ତରକୁ ଅପେକ୍ଷା ନ କରି ତାଙ୍କର ଦୁଇହାତ ଧରି ଶୂନ୍ୟେ ଶୂନ୍ୟେ ଟେକିନେଲେ ସିଟ୍ ଉପରକୁ, ତା'ପରେ ତାଙ୍କର ଗଣ୍ଠିଲିକୁ ଓ ଆଶାବାଡ଼ିକୁ। ବୃଦ୍ଧାଟି ପୁଣିଥରେ ତାଙ୍କର ସସ୍ନେହ ହାତଟି ବୁଲାଇ ଆଣିଲେ ଯୁବତୀ ଦୁଇଜଣଙ୍କ ମଥାରେ- ଅହ୍ୟ ସୁଲକ୍ଷଣୀ ହୁଅ ମା', ହାତକାଚ ବଜ୍ର ହେଉ। ଠାକୁରେ କୋଟି ପରମାୟୁ ଦିଅନ୍ତୁ।

ବସ୍ ଚାଲିଲା।

ମୁଁ କିନ୍ତୁ ବଡ଼ ଅସୁବିଧାରେ ପଡ଼ିଗଲି। ଜାଣିପାରିଲିନି, କାହା ମୁହଁକୁ ମୋର ପ୍ରଥମେ ଚାହିଁବା ଉଚିତ। କାହା ମନର ଭାଷା ମୋର ପ୍ରଥମେ ପଢ଼ିବା ଉଚିତ।

ଯୁବତୀ ଦୁଇଜଣଙ୍କର?

ବୃଦ୍ଧାଙ୍କର?

ନା ମୋ' ଆଗରେ ତଳକୁ ମୁହଁ ପୋତି ଠିଆ ହୋଇଥିବା ଯୁବକ ତିନିଜଣଙ୍କର?

ନରିଶୋ, ଖୋର୍ଦ୍ଧା
ମୋ: ୯୦୪୦୧୯୪୪୨୯

ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E-mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ମୁଁ ପାଠ ପଢ଼ିବିନି

ମୂଳ ରଚନା: ଆଇଜାକ୍ ଆସିମୋଭ
ଅନୁସୃଜନ: ଡକ୍ଟର ସୂଚନା ପାଢ଼ୀ

ଅନୁବାଦ ଗଳ୍ପ



ଭାଇନା! ଆମେ ସମସ୍ତେ ଅନେକ ଦିନ ହେଲାଣି କିଣ୍ଡଲ ବୁକ୍ ପଢୁଛେ, ତୁମେ ସେଇ ଛାପା ବହିଟା କୋଉଠୁ ପାଇଲ ?

– ଆମଘର ଲାଇବ୍ରେରିରେ ଥିଲା। ବାପାଙ୍କ ପଢ଼ାବହି।

– ସେ ବହିରେ କ'ଣ ଲେଖା ହୋଇଛି ?

– ବାପାଙ୍କ ସମୟର ସ୍କୁଲ ବିଷୟରେ।

– ବାପାଙ୍କ ସ୍କୁଲ ?

– ହଁ, ତୁ ଯା' ଏଠୁ, ମୋତେ ଡିଷ୍ଟର୍ବ କରନା, ମୁଁ ପଢୁଛି।

– ବାପାଙ୍କ ସ୍କୁଲ ଆମ ଇ-ସ୍କୁଲ ପରି ନ ଥିଲା କି ?

– ନା।

– ମୋତେ ଇ-ସ୍କୁଲ, ଅନ୍‌ଲାଇନ୍ ପାଠ ଭଲ ଲାଗୁନି।

ମାଗି, ଆଠ ବର୍ଷୀୟା ବାଳିକା। ବାପାଙ୍କ ସ୍କୁଲ ବିଷୟରେ ଜାଣିବାକୁ ଖୁବ୍ ଆଗ୍ରହୀ ହୋଇଥିଲା।

ସେ ପଢୁଥିଲା ଇ-ସ୍କୁଲରେ, କମ୍ପ୍ୟୁଟରରେ କିମ୍ବା ସ୍ମାର୍ଟଫୋନ୍‌ରେ ଅନ୍‌ଲାଇନ୍ ପାଠ। ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗଦିଏ। ପର୍ଦ୍ଦା ଉପରେ ଦେଖାଯା'ନ୍ତି ଶିକ୍ଷକ। ସବୁଦିନ ଅଧଘଣ୍ଟା ଲେଖାଏଁ ଇଂରାଜୀ, ବିଜ୍ଞାନ, ଇତିହାସ, ଗଣିତ ଇତ୍ୟାଦି ପଢ଼ାଇଥା'ନ୍ତି। ପଢ଼ା ଶେଷରେ ପ୍ରଶ୍ନ ପଚାରନ୍ତି, ହୋମୱାର୍କ କରିବାକୁ ଦେଇଥା'ନ୍ତି, ପ୍ରତି ଦିନେ ଦୁଇଦିନରେ ପରୀକ୍ଷା କରାନ୍ତି। ଥରେ ପରୀକ୍ଷାରେ କମ୍ ନମ୍ବର ରଖିବାରୁ ମା' ଚୁଟି ଟାଣି ମାରିଲେ, ତା' ପରଦିନ ପ୍ରିନ୍ସପାଲ୍‌ଙ୍କ ପାଖକୁ ଟାଣିଟାଣି ନେଇଥିଲେ।

ସ୍କୁଲର ପ୍ରିନ୍ସପାଲଙ୍କ ରୁମ୍‌ରେ ପହଞ୍ଚି ମାଗି ଦେଖିଲା ତାଙ୍କ ଟେବୁଲ୍ ତଳେ ଗୋଟିଏ ବାକ୍ସରେ କ'ଣ ସବୁ ଯନ୍ତ୍ରପାତି ରଖାଯାଇଛି। ସାର୍‌ଙ୍କ ମୁହଁ ଟମାଟୋ ପରି ଲାଲ୍। ମନେମନେ ହସିଲା... ଭାବିଲା, ନାଲିମୁହାଁ କୋଉଠିକାର।

କିନ୍ତୁ ମାଗିକୁ ଦେଖିବାମାତ୍ରେ ପ୍ରିନ୍ସପାଲ୍ ଖୁବ୍ ଖୁସି ହୋଇଗଲେ, ଚକ୍‌ଲେଟ୍ ଦେଲେ। ଟିକେ ଦୂରକୁ ଡାକିନେଇ ଯାହା କହିଲେ, ମାଗି ସବୁ ବୁଝିବା ପରି ମୁଣ୍ଡ ଟୁଙ୍ଗାରିଥିଲା। ତା'ପରେ ପିଠି ଥାପୁଡ଼ାଇ କହିଲେ– ଭଲ ପିଲା, ସୁନା ପିଲା।

ତା'ପରଠାରୁ ମାଗି ଭଲ ପିଲା ହୋଇଯାଇଥିଲା ଯେ ଘରକୁ ଫେରିବା ପରେ ପୁଣି ଅନ୍‌ଲାଇନ୍ କ୍ଲାସ୍! ପର୍ଦ୍ଦା ଉପରେ ଦେଖାଦେଇଥିବା ଶିକ୍ଷକ ପୂର୍ବ ପାଠରୁ ପ୍ରଶ୍ନ ପଚାରିଲେ। ଉତ୍ସାହିତ ହୋଇ ଉତ୍ତର ଦେଇଥିଲା ମାଗି। ତା'ପରେ ହୋମୱାର୍କ। ଓଃ... କି ବିରକ୍ତ! ନିର୍ଦ୍ଧାରିତ ସମୟ ଭିତରେ ସାରିବାକୁ ପଡ଼ିବ, ଟିକିଏ ଏପଟ ସେପଟ ହେଲେ ମା'ଙ୍କର ନାଲି ଆଖି।

ବିଚାରୀ ମାଗି, ଅନ୍‌ଲାଇନ୍‌ରେ ପାଠପଢ଼ି ବିଦ୍ୟାର୍ଥୀ ଜୀବନର ସରସତା ଅନୁଭବ କରିପାରୁ ନ ଥିଲା। କୋମଳ ମନ ପାଠ ପଢ଼ିବା ପାଇଁ ପ୍ରସ୍ତୁତ ହେଉ ନ ଥିଲା। ଖୁବ୍ ଅସ୍ୱସ୍ତି ଅନୁଭବ କରୁଥିଲା...କିଏ ବୁଝିବ ? କିଏ ଶୁଣିବ ?

ମାଗିର ଅମନଯୋଗିତା ଖବର ପାଇ ସ୍କୁଲର ପ୍ରିନ୍ସିପାଲ ତାଙ୍କ ଘରକୁ ଯାଇଥିଲେ। ସେଦିନ ବି ପୁଣି ସେମିତି ବୁଝାଶୁଝା କରି କହିଲେ– ମାଗି! ତୁ ଭଲ ପିଲା। ଭୂଗୋଳ ଶିକ୍ଷକ ଟିକେ ଜଲ୍‌ଦି ଜଲ୍‌ଦି ପଢ଼େଇ ଦେଉଛନ୍ତି... ସେଥିପାଇଁ ତୋତେ ଭଲ ଲାଗୁନି। ଏଣିକି ଧୀରେ ଧୀରେ ବୁଝେଇ ବୁଝେଇ ପଢ଼େଇବା ପାଇଁ କହିଦେବି। ମନଦେଇ ପାଠ ପଢ଼ିବୁ, ତୋତେ ଭଲ ଲାଗିବ।

ମାଗି ଜୁଳୁଜୁଳୁ ଚାହିଁ କହିଲା– ହଉ।

ପ୍ରିନ୍ସପାଲ ଓଠରେ ସ୍ମିତହାସ୍ୟ ଖେଳାଇ ତାଙ୍କ ଘରୁ ବିଦାୟ ନେଇ ଚାଲିଗଲେ।

ପ୍ରିନ୍ସପାଲ ଚାଲିଯିବା ପରେ ମାଗି ପୁଣି ଭାଇ ପାଖକୁ ଯାଇ କହିଲା– ଭାଇନା! ସେ ଛାପା ବହିରେ କ'ଣ ଲେଖା ହୋଇଛି ? ତୁମେ ପଢ଼ି ସାରିଲଣି ?

– ଆଲୋ ବୋକୀ! ବାପାଙ୍କ ଅମଳର ସ୍କୁଲ କଥା ଲେଖା ହେଇଛି, ତୁ ଜମା ବୁଝିପାରିବୁନି।

– ମାନେ ?

– ବାପା ପଢ଼ିବା ସ୍କୁଲ ଆମର ଇ-ସ୍କୁଲ ପରି ନ ଥିଲା। ପୂରାପୂରି ଅଲଗା।

– ମୋତେ ବହି ଦିଅ, ମୁଁ ପଢ଼ିବି।

– ରହ, ମୁଁ ପ୍ରଥମେ ପଢ଼ିସାରେ।

ମାଗି ତା' ଭାଇନା ହାତରୁ ବହି ଟାଣି ନେବାକୁ ଉଦ୍ୟତ ହେବାବେଳେ ଟମ୍ କାଖରେ ବହିଟା ଜାକି ହୁର୍‌ରେ ହୁର୍‌ରେ ଶବ୍ଦ କରି ଧାଇଁ ପଳେଇଲା। କାନ୍ଦୁଣୁମାନ୍ଦୁଣୁ ସ୍ୱରରେ ମାଗି କହିଲା– ଦିଅ... ନା ଦିଅ, ମୁଁ ପଢ଼ିବି... କି କି ଚିତ୍ର ଅଛି ଦେଖିବି।

ଅଳ୍ପ ଦୂରରେ ଠିଆହୋଇ ଟମ୍ କହିଲା– ବହିରେ କ'ଣ ଲେଖା ହୋଇଛି ଶୁଣ– ସେ ସମୟରେ ଅନେକ କୋଠରି ଥିବା ଘରକୁ ସ୍କୁଲ କୁହାଯାଉଥିଲା। ରୁମ୍‌ଗୁଡ଼ିକରେ ବିଭିନ୍ନ ଶ୍ରେଣୀର ସମବୟସ୍କ ଛାତ୍ରମାନେ ଏକାଠି ବସି ପଢୁଥିଲେ। ସେହି ରୁମ୍‌ରେ ଶିକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଚୌକି ଟେବୁଲ୍ ରଖାଯାଇଥିଲା। ଜଣେ ଶିକ୍ଷକ ଆସି ପାଠ ପଢ଼ାଉଥିଲେ। ସ୍କୁଲ ପାଖରେ ବିରାଟ ଖେଳପଡ଼ିଆ ଥିଲା। ସ୍କୁଲ ଭିତରେ ବହିଭର୍ତ୍ତି ରୁମ୍-ସେଇଟାକୁ ଲାଇବ୍ରେରି କୁହାଯାଉଥିଲା। ପିଲାମାନେ ନିଜ ପସନ୍ଦର ଗପବହି ନେଇ ପଢୁଥିଲେ।

– ଆହୁରି ଶୁଣିବୁ ?

– ହଁ।

ସାର୍ ପଢ଼େଇ ସାରିବା ପରେ ପ୍ରତ୍ୟେକ ପିଲାକୁ ପ୍ରଶ୍ନ ପଚାରୁଥିଲେ। ନ ବୁଝି ପାରିବା ପିଲା ପାଖକୁ ଯାଇ ବୁଝାଉଥିଲେ। ହୋମୱାର୍କ ଦେଉଥିଲେ, ତା' ପରଦିନ ସଂଶୋଧନ କରୁଥିଲେ।

– ଏମିତି ସ୍କୁଲରେ ମୁଁ ପଢ଼ି ପାରିବିନି ? ସାଙ୍ଗମାନଙ୍କ ସହିତ ସ୍କୁଲ ଯିବି, ମିଶିକି ଜଳଖିଆ ଖାଇବି, ଖେଳିବି... ଆଃ କି ମଜା!! ବାପା ନିଶ୍ଚେ ସେମିତି ମଜା କରିଥିବେ। ଆମ ସ୍କୁଲ ଜମା ଭଲ ନୁହେଁ। ଏଠି ପର୍ଦ୍ଦା ଉପରେ ଶିକ୍ଷକ କହୁଛନ୍ତି– ମନଦେଇ ପାଠ ପଢ଼... ନିୟମିତ ପଢ଼ା ଅଭ୍ୟାସ ଜାରି ରଖ। ଶନିବାର ରବିବାର ବ୍ୟତୀତ ଜମା ଫୁର୍‌ସତ୍ ନାହିଁ। କିଏ ଏତେ କଥା ମାନିବ ?

ମାଗି! ଜାଣିଛୁ, ବାପାଙ୍କୁ ପଢ଼ାଉଥିବା ଶିକ୍ଷକମାନେ ମଣିଷ ଥିଲେ। ବିଦ୍ୟାର୍ଥୀମାନଙ୍କୁ ବହୁତ ସ୍ନେହ କରୁଥିଲେ। ହସ ଖୁସି ଭରା ଥିଲା ସ୍କୁଲର ପରିବେଶ। ପିଲାମାନଙ୍କୁ ଆକୃଷ୍ଟ କରୁଥିଲା।

କିନ୍ତୁ ଆମର ପାଠପଢ଼ା... ଛାଡ଼... ଛାଡ଼ ସେ କଥା। ଦିନେଦିନେ ରୋବଟ୍ ଆସିକି ପଢ଼ଉଛି। ପର୍ଦ୍ଦାରେ ଲେଖୁଛି 'ବାର୍ଦ୍ଧକ୍ୟ', 'ଦୃଢ଼', ପୁଣି ୧+୧=୨। କହୁଛି– ସମସ୍ତେ ଲେଖ। ଆମେ ତା' କଥା ଶୁଣି ଲେଖୁଛୁ, କିନ୍ତୁ ଠିକ୍ କି ଭୁଲ୍ ଲେଖିଲୁ ଜାଣିପାରୁନୁ। ଆମେ ପଢୁଥିବା ସ୍କୁଲରେ ଶିକ୍ଷକଙ୍କ ସହିତ ପ୍ରତ୍ୟକ୍ଷ ସମ୍ପୃକ୍ତି ନାହିଁ। ଆମ ଭାବନା ବୁଝିବାକୁ ପର୍ଦ୍ଦା ଉପରେ ଦେଖାଯାଉଥିବା ଶିକ୍ଷକ ଅକ୍ଷମ।

ମାଗି ମା' ପାଖକୁ ଯାଇ କହିଲା– ମା'! ମୁଁ କାଲିଠୁ ଅନ୍‌ଲାଇନ୍ ପାଠ ପଢ଼ିବିନି।

ଚନ୍ଦ୍ରପ୍ରଭା ସାହି, ବ୍ରହ୍ମପୁର
ମୋ: ୯୪୩୮୬୦୪୮୬୫

# ରଡ଼ନିଆଁର ଚିତ୍ର

–ଶିବ ମିଶ୍ର

କ୍ଷୁଦ୍ର ଗଳ୍ପ

**ଭୋଟ** ବେଳ ଆସିଲେ ସେ ଗାଁକୁ ମଟରଗାଡ଼ି ଆସେ। ମାଇକ୍ ଶବ୍ଦ ଶୁଭେ। ଦାଣ୍ଡରେ ଗହଳି ହୁଏ। ଭୋଟରେ ଭାଗ ନ ଥିବା ଲଙ୍ଗଳା, ଅଧାଲଙ୍ଗଳା ପିଲାମାନେ ମଟରଗାଡ଼ି ପଛରେ ଧାଆଁନ୍ତି। ନାଲି, ନେଳି ପ୍ରଚାରକାଗଜ ଗୋଟାନ୍ତି। ସ୍ଲୋଗାନରେ ସ୍ୱର ମିଶାନ୍ତି।

ସେଦିନ ଗାଁ ଭିତରେ ଜଣେ ଭୋଟ ପ୍ରାର୍ଥୀଙ୍କର ପ୍ରଚାର ଚାଲିଥିବାବେଳେ ଆଉ ଗୋଟିଏ ଦଳର ପ୍ରଚାର ଗାଡ଼ି ଆସି ପହଞ୍ଚିଗଲା। ଗାଁ ଦାଣ୍ଡରେ ଦି' ଦି'ଟା ଗାଡ଼ି ଦେଖି ପିଲାମାନେ ଦି'ଗୁଣା ଆନନ୍ଦରେ ଡେଉଁଥିଲାବେଳେ ଦୁଇ ଦଳର ପ୍ରଚାରକମାନଙ୍କ ଭିତରେ ବଚସାରୁ ସଂଘର୍ଷ ଆରମ୍ଭ ହୋଇଗଲା। ମଟରଗାଡ଼ିରେ ଥିବା ହତିଆର ସବୁ ହାତକୁ ଆସିଲା। ମୋଟା ନିଶ ଅଧାଦାଢ଼ି ରଖିଥିବା ଯୁବକଟିଏ ବୁଲାଉଥିବା ଖଣ୍ଡାର ଚୋଟରେ କେତେଜଣ ଆହତ ହେଲେ। ସାଇଁସାଇଁ ବୁଲୁଥିବା ତା' ହାତର ଖଣ୍ଡାଟି ହଠାତ୍ ମୁଠାରୁ ଖସିଯାଇ କିଛି ଦୂରରେ ଠିଆହୋଇଥିବା ଗୋଟିଏ ଅଧାଲଙ୍ଗଳା ପିଲାର ଦେହରେ ବାଜିଲା। ପିଚ୍‌କିନା ରକ୍ତଧାର ଛିଟିକି ପଡ଼ିଲା ତା'ର ବେକମୂଳରୁ। ମୁଣ୍ଡଟା ଲଟକିପଡ଼ିଲା ଗୋଟିଏ ପଟକୁ। ଦେହ ଟଳିପଡ଼ିଲା ଭୂଇଁ ଉପରେ। ଗଣ୍ଡଗୋଳ ଦାଉଁକିନା ଥମିଗଲା। ଲୋକମାନେ ଆସି ସେଇଠି ଜମିଗଲେ। ସେମାନେ ଆହା ଆହା କହି ମୁଣ୍ଡଛିଣ୍ଡା ଗଣ୍ଡିଟାକୁ ଚାହିଁଥିବାବେଳେ ବାହାରୁ ଯାଇଥିବା ଭୋଟ ପ୍ରଚାରକମାନେ ଓର ଉଣ୍ଡି ଗାଡ଼ି ନେଇ ଚମ୍ପଟ୍ ମାରିଲେ।

ଏ ସମ୍ପର୍କରେ କଥାବାର୍ତ୍ତା କି ବିଚାର ଆଲୋଚନା ଯାହା ହେଉ ସେ ସବୁ କାଲି ହେଲେ ଚଳିବ, କିନ୍ତୁ ଗାଁ ଭିତରେ ମଡ଼ାପଡ଼ିଥିଲେ ଦେଉଳରେ ଘଣ୍ଟ ବାଜିବ ନାହିଁ। ତେଣୁ ଅନ୍ୟ ଚିନ୍ତା ପଛକୁ ପକାଇ ପିଲାଟିର ଶବ ସଂସ୍କାର ପାଇଁ ଗାଁଲୋକେ ପ୍ରସ୍ତୁତ ହେଲେ। ଦିନେ ଯେଉଁମାନଙ୍କର ଶବକୁ ପିଲାଟି କାନ୍ଧେଇଥା'ନ୍ତା ସେହିମାନଙ୍କ କାନ୍ଧରେ ସିଏ ମଶାଣିକୁ ଗଲା। ତା' ଚିତାରେ ନିଆଁ ଲାଗିଲା। କଞ୍ଚା କାଠଗୁଡ଼ାକ ଦୁର୍‌ଦୁର୍ ହୋଇ ଜଳୁଥିବାର ଦେଖି କିଏ ଜଣେ କହିଲା– "ଅବୋଧ ଶିଶୁ ପରା ସିଏ! ନିଃସ୍ୱାର୍ଥ ନିର୍ଲୋଭ, ନିର୍ମାୟା ଜୀବ ତା' ଜୁଇ ନ ଜଳି ରହିବ!"

ବେଳବୁଡ଼ିଲା ବେଳକୁ ସେ କାମ ଶେଷ କରି ସମସ୍ତେ ଫେରିବାକୁ ବାହାରିଲେ। ହେଲେ ଏକମାତ୍ର ପୁଅର ଚିତା ନିଆଁ ପାଖରେ ବସି କାନ୍ଦୁଥିବା ବାପା ନିର୍ଜୀବ ପିତୁଳା ପାଲଟି ଯାଇଥିଲା। ଯିଏ ଯେତେ କହିଲେ ଶୁଣିଲାନି କି ଟାଣିଲେ ଭିଡ଼ିଲେ ଉଠିଲାନି। ଗାଁକୁ ଗଲାନି। ସେଇଠି ସେମିତି ବସିରହି ଲୁହ ଗଡ଼ାଇଲା। ପଛରେ ଆସି ତାକୁ ବୁଝେଇ ଶୁଝେଇ ନେବେ ବୋଲି କହି ଅନ୍ୟମାନେ ଫେରିଗଲେ।

ସଞ୍ଜ ଗଡ଼ି ରାତି ହେଲା। ଚାରିପଟେ ଅନ୍ଧାର ଘନେଇଲା। ସବୁଆଡ଼ ନିଶୂନ୍ ହେଲାପରେ ତାକୁ ଲାଗିଲା– ଆଣ୍ଠୁ ଲୁଚୁ ନ ଥିବା ଲୁଗାଟିଏ ପିନ୍ଧିଥିବା ଜଣେ ବୁଢ଼ା ଠେଙ୍ଗାଟିଏ ଧରି ତା'ପାଖରେ ଠିଆହୋଇ ତା' ମୁଣ୍ଡକୁ ଆଉଁଶି ଦେଇ କହୁଥିଲେ– "ତୁମେ ବହୁତ ସମୟ ହେଲା କାନ୍ଦିଲଣି। ଏବେ ତୁମେ ରହ ମୁଁ କାନ୍ଦିବି।" ସେ ଲୋକଟି କହିଲା– ଭୋଟ ପ୍ରଚାର ବେଳେ ଗଣ୍ଡଗୋଳରେ ମୋ' ପୁଅ ହଣାଖାଇ ମରିବାରୁ ମୁଁ କାନ୍ଦୁଛି, ଆପଣେ କାହିଁକି କାନ୍ଦିବେ ?

ବୁଢ଼ା କହିଲେ– "ତୁମ ଗାଁକୁ ଏଇ ଭୋଟ ଆସିବା ପାଇଁ ମୁଁ ରାସ୍ତା ତିଆରି କରିଥିଲି ପରା, ତୁମେ କ'ଣ ମୋତେ ଚିହ୍ନିପାରୁନ ?" ଲୁହ ଡବଡବ ଆଖି ଦି'ଟାକୁ ହାତ ପାପୁଲିରେ ପୋଛିଦେଇ ଲୋକଟି ସେଇଆଡ଼କୁ ନିରେଖି ଚାହିଁଲା। ହେଲେ ତା'ର ଆଖପାଖରେ ସେ ବୁଢ଼ା ନ ଥିଲେ କି କେହି ବି ନ ଥିଲେ। କୁଆଡୁ ଉଡିଆସି ପଡ଼ିଥିବା କାଗଜ ଖଣ୍ଡକରେ ଥିବା ମହାତ୍ମା ଗାନ୍ଧୀଙ୍କର ଚିତ୍ରଟିଏ ଦାଉଦାଉ ଦିଶୁଥିଲା ତା' ପୁଅ ଚିତାର ରଡ଼ନିଆଁ ଆଲୁଅରେ।

ମୋ: ୯୮୫୩୦୭୦୦୧୮



ଶ୍ରଦ୍ଧାକର ସୂପକାର

## ସ୍ମରଣୀୟ

# ଦେବୀ



ମଦନ ଯେତେବେଳେ ଧୀରେଧୀରେ ଆଖି ଖୋଲି ଯନ୍ତ୍ରଣାରେ ଦୀର୍ଘ 'ଉଃ' ଶବ୍ଦ କଲା, ସେ ଜାଣିପାରିଲା ନାହିଁ ସେ କେଉଁଠି ଅଛି। ଡେବିରି ଆଣ୍ଠୁ ତଳକୁ ଗୋଡ଼ରେ ତା'ର ଜଳନ୍ତା ନିଆଁ ରଖାଗଲା ପରି ଦାରୁଣ ଯନ୍ତ୍ରଣା ବୋଧ ହେଉଥାଏ। ମୁଣ୍ଡ ପର୍ବତ ପ୍ରମାଣ ବୋଝ ଲାଗୁଥାଏ। ଅଜଣା ଔଷଧର ତୀବ୍ର ଗନ୍ଧ ତାକୁ ଅନୁଭୂତ ହେଉଥାଏ। ଅର୍ଦ୍ଧଚେତନ ଅବସ୍ଥାରେ ଭାବୁଥାଏ କେଉଁଠି ଅଛି ସେ ? ଆଖିପତା ଖୁବ୍ ଭାରି ଲାଗୁଥାଏ। କାହିଁକି ଏତେ ଯନ୍ତ୍ରଣା ? ଅସ୍ଫୁଟ, ଧୀର ଆର୍ତ୍ତନାଦ ତା'ର କଣ୍ଠରୁ ବାହାରିଲା ବେଳେ ତା'ର ମନେହେଲା ପାଟି କରିବାର ଶକ୍ତି ମଧ ତା'ର ନାହିଁ। ସେ ନିଜର ଯନ୍ତ୍ରଣାକୁ ଯେପରି ଉଚ୍ଚ ସ୍ୱରରେ ପ୍ରକାଶ କରିବାକୁ ଚାହୁଁଥିଲା, ସେହିପରି ବିକଟ ସ୍ୱରରେ ଆର୍ତ୍ତନାଦ ତା'ର ପାଟିରୁ ଶୁଣାଯାଉଥିଲା। 'ଓଃ ମରିଗଲି' ବୋଲି କହି ସେ ମୁହଁ ବିକୃତ କରି ପାଟି ବନ୍ଦ କଲା। 'ମୁଁ କେଉଁଠି ?' ଏହି କଥା ସେ କହିବାକୁ ଚାହୁଁଥିଲା। କିନ୍ତୁ ମୁଣ୍ଡ ଭିତରେ ବୋଝ ପରି ଲାଗୁଥିବାରୁ ସେ କଥାରେ ତାହା ପ୍ରକାଶ କରିପାରୁ ନ ଥାଏ।

ମନେହେଲା ତା'ର ହାତକୁ କିଏ ଧରି ଉଠାଉଛି। ମଦନ ପୁଣିଥରେ ଆଖି ଖୋଲିଲା। ଚୁଡ଼ିର ଝଣଝଣ ଶବ୍ଦ ତା'ର କାନରେ ଆସି ପଶିଲା। ନାରୀ କଣ୍ଠର କୋହ ତାକୁ ଶୁଣାଗଲା ଗୋଟିଏ ପ୍ରଶ୍ନରେ, ''କେନ୍ତା (କେମିତି) ଲାଗୁଛେ ?'' ସେ ଚିହ୍ନିବାକୁ ଚେଷ୍ଟା କଲା। ସାମ୍ନାରେ ନାରୀ ମୂର୍ତ୍ତି। ''କିଏ ?'' ବୋଲି ପଚାରିଲା ମଦନ। ଓଃ, ଏ ଯେ ସୀତା ! ତା'ର ନିଜର ସ୍ତ୍ରୀ। ''ମୁଁ ହିଁ ସୀତା'' ବୋଲି ଉତ୍ତର ହେଲା, ଆଉ ତା' ସଙ୍ଗେ ଶୁଣାଗଲା ଅସ୍ଫୁଟ ରୋଦନ।

ସେ ଦେଖିଲା ତା' ହାତକୁ ହାତରେ ଧରି ସୀତା କାନ୍ଦୁଛି, ଡରିଡରି, କାଳେ ପାଟିକରି କାନ୍ଦିଲେ କେହି ଗାଳି ଦେବେ। ଆଉ ପାଖରେ ତା'ର ଖଟିଆକୁ ଧରି ଠିଆ ହୋଇଛି ବାବୁ, ଦେଢ଼ ବର୍ଷର ପୁଅ, ଅମର।

''ମୁଇଁ କେନେ (କେଉଁଠି) ଅଛେଁ ?'' ବୋଲି ପଚାରିଲା ମଦନ।

''ଇଟା (ଏଇଟା) ବୁର୍ଲା ଆସ୍‌ପାତାଲ।'' ସୀତା କହିଲା।

ମଦନ ବାସ୍ତବ ଜଗତକୁ ଫେରି ଆସୁଥାଏ। ଉପରେ ପଙ୍ଖା ବୁଲୁଥାଏ ଓ ବିଜୁଳିବତି ଜଳୁଥାଏ। ତା'ରି ପରି କେତେ ରୋଗୀ ତା'ର ବାମ, ଡାହାଣ ଦୁଇଆଡ଼େ ଖଟରେ ପଡ଼ି ଯନ୍ତ୍ରଣାରେ ଆର୍ତ୍ତନାଦ କରୁଛନ୍ତି।

''ଓଃ ଶୋଷ !'' କ୍ଷୀଣ କଣ୍ଠରେ କହିଲା ମଦନ। ସୀତା ଉଠିଗଲା ପାଣି ପାଇଁ। କିଛି ସମୟ ପରେ ଜଣେ ନର୍ସ ଫିଡିଂ କପ୍‌ରେ ପାଣି ଟିକିଏ ଆଣି ପିଇବାକୁ ଦେଇ ପଚାରିଲା, ''କେମିତି ଲାଗୁଛି ?''

''ଓଃ ମରିଗଲି'' ବୋଲି କହିଲା ମଦନ।

''କେନ୍ତା (କେମିତି) ହେବା ଗୋ ?'' ବୋଲି କହି ନର୍ସ ଆଡ଼କୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲା ସୀତା। ଆଖିରୁ ତା'ର ଝରିପଡୁଥାଏ ଲୁହ। ''କିଛି ନାଇଁ ହୁଏ। କିଛି ଚିନ୍ତା ନାଇଁ କର। ତୁମର ଭାଗ୍ୟ ଭଲ। ଆଉ ଡରବାର (ଡରିବାର) କିଛି ନାଇଁ।'' ଆଶ୍ୱାସନାର ବାଣୀ ଶୁଣାଇଲା ନର୍ସ।

ମଦନ ଦେଖିଲା ଦୁଇ ଗୋଡ଼ରେ, ମୁଣ୍ଡରେ ତା'ର ପଟି ବନ୍ଧା ହୋଇଛି। ହଲ୍‌ଚଲ୍ ହେବାର ମଧ ଉପାୟ ନାହିଁ। ଯନ୍ତ୍ରଣାରେ ଗୋଡ଼ ଦୁଇଟି ପୋଡ଼ିଯାଉଛି। ଛଟପଟ ହେବାକୁ ମନ କହୁଛି। କିନ୍ତୁ ଗୋଡ଼ ଦୁଇଟି ଅବଶ ଓ ନିର୍ଜୀବ।

ଗୋଟିଏ ଭୟାନକ କଥା ତା'ର ମନେପଡ଼ିଲା। ସେ ଯାଇଥିଲା କାମକୁ। ହୀରାକୁଦ ବନ୍ଧରେ ପର୍ବତ ପ୍ରମାଣ ଉଚ୍ଚ ଶିଡ଼ି ଉପରେ ଉଠିଥିଲା ସେ କୁଲିମାନଙ୍କର କାମ ଦେଖିବାକୁ। କାନରେ ତା'ର ଭାସି ଆସିଥିଲା ଦକ୍ଷିଣୀ ରେଜା କୁଲିମାନଙ୍କର ନିରର୍ଥକ ଓ ଶ୍ରୁତିକଟୁ ଐକ୍ୟତାନ ସଙ୍ଗୀତ। ମନେପଡ଼ିଲା ତା'ର ଗୋଟିଏ ଆକସ୍ମିକ ଚିତ୍କାର, ଦୌଡ଼ାଦୌଡ଼ି। ଆଉ ହଠାତ୍ ଶିଡ଼ି ଭାଙ୍ଗି କଟ୍‌କଟ୍ ଶବ୍ଦ ହେବାରୁ ଓ ବହୁତଗୁଡ଼ିଏ ରେଜା କୁଲିଙ୍କ ସଙ୍ଗେ ସେ ନିଜେ ମଧ ପଡ଼ିଯାଉଥିବାର ମନେପଡ଼ିଲା। ତଳେ, ବହୁତ ପଥର ଓ ବାଲିରେ ନିଜେ ପଡୁଥିବାର ଦେଖି ସେ ଚିତ୍କାର କରି ଉଠିଥିଲା ଓ ସେଇଠି ତା'ର ଚେତନା ହଜିଯାଇଥିଲା। ସେଇ ମୁହୂର୍ତ୍ତକ ମଧରେ ତା'ର ସବୁ ଶେଷ ହୋଇଯିବ ବୋଲି ଭାବୁଥିଲା। ମାତ୍ର ଏବେ ସୁଦ୍ଧା ସେ ବଞ୍ଚିଛି।

'ବଞ୍ଚିଛି ? ସତେ ?' ସନ୍ଦେହରେ ସେ ପୁଣି ହାତ ବଢ଼ାଇଲା ସୀତାର ହାତ ଆଡ଼କୁ। ସୀତାର ହାତରେ ହାତ ଦେଇ ଦେଖିଲା, କେଡ଼େ ଦୁର୍ବଳ ; କେଡ଼େ ପାତଳ ହାତଟି। ହାତରେ ତିନିପଟ ଝଲକି ଚୁଡ଼ି। ପୁଅର ମୁଣ୍ଡରେ ହାତ ବୁଲାଇଲା। କଅଁଳିଆ ରୁଖାଶୁଖା ବାଳ। ଆଖି ଦୁଇଟି ତା'ର ଲୁହରେ ଭରି ଉଠିଲା। ସୀତା ତା'ର ଗାଲରେ ବହିଯାଉଥିବା ଲୁହଧାର ଦୁଇଟି ପୋଛିଦେଲା।

''କାଣା (କ'ଣ) ବଲୁଛ ?'' ପଚାରିଲା ସୀତା।

ମଦନର ମୁଣ୍ଡ ଭିତରେ ଯେପରି କିଏ ହାତୁଡ଼ିରେ ପିଟୁଛି। ସେ ପ୍ରଶ୍ନର ଉତ୍ତର ଦେବାକୁ ଚାହୁଁଥିଲା ; କିନ୍ତୁ ଯନ୍ତ୍ରଣାରେ ପୁଣି ଓଃ ଶବ୍ଦ କରି ଆଖି ବୁଜିଲା। ସୀତାର ହାତଟିକୁ ଚିପି ଧରିଲା।

''ମୁଁ ଯଦି ମରିଯାଏ ?'' ମନେମନେ ଭାବୁଥାଏ ମଦନ। ଆଉ ଭାବିପାରେ ନାହିଁ। ହୀରାକୁଦରେ କାମ କରୁଥିଲାବେଳେ ଶୂନ୍ୟରେ ଖସିପଡ଼ିଥିଲା ପରି ପୁଣି ତା'ର ମନରେ ଗୋଟିଏ ଆତଙ୍କ ହେଲା। ଯନ୍ତ୍ରଣାରେ ତା'ର ମୁହଁଟା ଖୁବ୍ ବିକୃତ ହୋଇଗଲା। ତାକୁ ଶୁଣାଗଲା, ସୀତା ହଠାତ୍ ପାଟିକରି କାନ୍ଦି ପକାଉଛି। ସେ ନିଦେଇଲା ପରି ଅଚେତ ହୋଇଗଲା।

ସେପ୍ଟେମ୍ବର ୧୯ ତାରିଖ ଦୁଇପ୍ରହର। ବୁର୍ଲା ହାସ୍‌ପାତାଳରେ ମଧ୍ୟାହ୍ନ ବିଶ୍ରାମରୁ ଆଖିଖୋଲି ଦେଖିଲା ମଦନ। ତା'ର ଜୀବନ ଓ ମୃତ୍ୟୁର ସଂଗ୍ରାମରେ ଜୟୀ ହୋଇଛି ଜୀବନ। କିନ୍ତୁ ଏ ଜୟ ପାଇଁ ତାକୁ ବହୁତ ମୂଲ୍ୟ ଦେବାକୁ ପଡ଼ିଛି। ରକ୍ଷାହେଲା ତା'ର ମୁଣ୍ଡର ବେଦନା ଆଉ ନାହିଁ। ମୁଣ୍ଡର ପଟି ଖୋଲା ହେଲାଣି। ଡାହାଣ ଗୋଡ଼ଟି ପ୍ଲାଷ୍ଟର୍‌ରେ ବନ୍ଧା ହୋଇଥିଲେ ମଧ ବେଦନା ବାରଅଣା କମିଗଲାଣି। କିନ୍ତୁ ବାଆଁ ଗୋଡ଼ର ଆଣ୍ଠୁ ତଳକୁ ବାକି ଅଂଶ ପୂରାପୂରି କାଟି ଦିଆଯାଇଛି। ବାଁ ଜଙ୍ଘରେ ଇଞ୍ଜେକ୍‌ଶନ୍ ଦେବା ସତ୍ତ୍ୱେ ଏବେ ସୁଦ୍ଧା ଭୀଷଣ ବେଦନା ଜଣାପଡୁଛି। ଜୀବନକୁ ରକ୍ଷା କରିବା ପାଇଁ ଗୋଟିଏ ଗୋଡ଼ର ମାୟା ଛାଡ଼ିବାକୁ ପଡ଼ିଛି ତାକୁ। ହସ୍ପିଟାଲ୍ ନିଃଶବ୍ଦ ପ୍ରାୟ। ରୋଗୀମାନଙ୍କ ମଧ୍ୟରୁ କିଏ ଶୋଇ ଘୁଙ୍ଗୁଡ଼ି ମାରୁଛି ତ କିଏ ଛାତରେ ଝୁଲୁଥିବା ବିଜୁଳି ପଙ୍ଖାକୁ ଶୂନ୍ୟ ଦୃଷ୍ଟିରେ ଚାହିଁଛି। ହସ୍ପିଟାଲ୍‌ର ଚାରିଆଡ଼େ ଆଖି ବୁଲାଇ ଆଣିଲା ମଦନ। ତାହାରି ପରି କେତେ ହତଭାଗ୍ୟ ରୋଗୀ ଯନ୍ତ୍ରଣାମୟ ଜୀବନରେ ଟିକିଏ ସ୍ୱସ୍ତିର ନିଦ ଭୋଗୁଛନ୍ତି। କେହିକେହି ହୁଏତ ସୁଖର ସ୍ୱପ୍ନ ଦେଖୁଥିବେ। ତା'ର ଡାହାଣ ପାଖ ଖଟରେ ଶୋଇ ଘୁଙ୍ଗୁଡ଼ି ମାରୁଛି ରାମଚନ୍ଦ୍ରନ୍। ତାହାରି ପରି ଜଣେ ସୁପର୍‌ଭାଇଜର୍। ଭଙ୍ଗାଭଙ୍ଗା ହିନ୍ଦୀରେ କେତେଥର ସୁଦୂର ତାମିଲ ଦେଶରେ ଥିବା ନିଜର ସ୍ତ୍ରୀ ଛନ୍ଦ୍ରାମ୍ମାର କଥା କହୁଛି। ଏବେ ହୁଏତ ରାମଚନ୍ଦ୍ରନ୍ ସ୍ୱପ୍ନରେ ମାନ୍ଦ୍ରାଜ ପାଖରେ କେଉଁ ପଲ୍ଲୀରେ ସ୍ତ୍ରୀ ପାଖକୁ ଯାଇଥିବ। ମଦନ ଦେଖିଲା ତା'ର ଖଟ ପାଖରେ ତଳେ ଗୋଟିଏ ମସିଣାରେ ଶୋଇପଡ଼ିଛନ୍ତି ସୀତା ଓ ପୁଅ ଅମର। ଜାଲିଚଟୁ ପରି ବସନ୍ତ ଚିହ୍ନଭରା ସୀତାର ମୁହଁଟି ନିଦରେ ଉଜ୍ଜ୍ୱଳ ଓ ଚିତ୍ତାକର୍ଷକ ଦେଖାଯାଉଛି। ଗାଲରେ ଏବେ ସୁଦ୍ଧା ଲୁହଧାର ଶୁଖିଥିବାର ଚିହ୍ନ ଦେଖାଯାଉଛି। ତା'ର ଉନ୍ନତ ଛାତି ପାଖରେ ମୁହଁ ଗୁଞ୍ଜି ମଦନ ଆଡ଼କୁ ପଛକରି ଶୋଇଛି ଅମର। ସୀତା ପିନ୍ଧିଥିବା ଶସ୍ତା ସମ୍ବଲପୁରୀ ଶାଢ଼ିଟି ଗୋଟିଏ ଦୁଇଟି ଜାଗାରେ ଚିରିଗଲାଣି। ଦେହଟି ପ୍ରାୟ ନିରାଭରଣ ପାଦ ଆଙ୍ଗୁଠିରେ ଝୁଣ୍ଟିଆ ଛଡ଼ା। ମଦନର ମନରେ କରୁଣା ଓ କାମନା ଏକାସଙ୍ଗରେ ଜାତ ହେଲା। ଅତୀତର କେତେ ସ୍ମୃତି ଆଜି ତା'ର ପୁରୁଷକାରକୁ ଧିକ୍କାର କଲା।

ତା'ର ମନେପଡ଼ିଲା ପ୍ରାୟ ଦୁଇବର୍ଷ ତଳର କଥା, ଯେତେବେଳେ କି ସୀତା ବସନ୍ତ ରୋଗରେ ପୀଡ଼ିତ ହୋଇପଡ଼ିଲା। ସେହିଦିନୁ ଆରମ୍ଭ ହେଲା ସୀତାର ଦୁର୍ଭାଗ୍ୟର ଦିନ। ସୀତାର ରୋଗ ସମୟରେ ସେ ବରାବର ତା'ଠାରୁ ଦୂରରେ ରହିଥିଲା ଏବଂ ତା'ର ଦେହ ଓ ମୁହଁର ବିକୃତି ଯୋଗୁଁ ସୀତାକୁ ଘୃଣା ଚକ୍ଷୁରେ ଦେଖିବାକୁ ଆରମ୍ଭ କଲା। ସେତେବେଳେ ମଦନ ଜାଣିଥିଲା ସୀତା ଆହୁରି ଭବିଷ୍ୟତରେ ତା'ର ଭାବି ସନ୍ତାନର ମାତା ହେବ। ତଥାପି ସେ ତାକୁ ଅବଜ୍ଞା ଓ ତିରସ୍କାର କରିବାକୁ ଆରମ୍ଭ କରିଥିଲା ସେଇଦିନରୁ। ସେଇଦିନରୁ ତା'ର ପତ୍ନୀପ୍ରେମ କମିଗଲା। ସେଇଦିନଠାରୁ ଆରୋଗ୍ୟ ହେଲା ପରେ ସୁଦ୍ଧା ସୀତା କେତେ ତିରସ୍କାର, କେତେ ଅପମାନ ନୀରବରେ ସହିବାକୁ ବାଧ ହେଲା। ହଁ, 'ଜାଲିଚଟୁ ମୁହଁ' ବୋଲି ତିକ୍ତ ସମ୍ଭାଷଣ ସେହିଦିନଠାରୁ ଶୁଣି ସୀତା ବ୍ୟଥିତା ହୋଇଥିଲା। ସେ ସମୟରେ ବସନ୍ତ ରୋଗ ଯଦି ସୀତାକୁ ନ ହୋଇ ମଦନକୁ ହୋଇଥା'ନ୍ତା, ତେବେ ସୀତା ହୁଏତ କେତେ ଆଦର ସହିତ ତାକୁ ସେବା ଶୁଶ୍ରୂଷା କରିଥା'ନ୍ତା। ଏମିତି ସବୁବେଳେ ଛାଇପରି ହୁଏତ ତାକୁ ଜଗିଥା'ନ୍ତା। କିନ୍ତୁ ସୀତା ସେ ସମୟରେ ନିଜର ଦୁର୍ଭାଗ୍ୟ ଯୋଗୁ ମଦନଠାରୁ କେତେ ଅନାଦର ପାଇଛି।

ତା'ପରେ ମଦନର ମନେପଡ଼ିଲା, ସୀତା ଆରୋଗ୍ୟ ଲାଭ କଲା ପରେ କେତେ ଦୁର୍ବଳ ହୋଇପଡ଼ିଥିଲା, କେତେ ଅସହାୟ ହୋଇପଡ଼ିଥିଲା। ଆଉ ସେହି ଦୁର୍ବଳ, ଅସହାୟ ଅବସ୍ଥାରେ କିପରି ମଦନ ତାକୁ ଘରୁ ତଡ଼ି ଦେଇଥିଲା କହିଲେ ଚଳେ। ମନେପଡ଼ିଲା, ସେହି ସମୟର ଗୋଟିଏ ରାତିର କଥା ଯେତେବେଳେ ମଦନ ତାକୁ କହିଥିଲା, ''ତୋର ଦିହ ତ ଇନେ (ଏଠାରେ) ବଡ଼ା ଅସୁଖ୍ ହେଉଛେ। କିଛିଦିନ ବାପଘରେ ଯାଇ ରହିଆସ୍‌ତୁ (ଆସନ୍ତୁ) ବଏଲେ (ବୋଇଲେ) ଭଲ ହେତା (ହୁଅନ୍ତା)। ହାଓ୍ୱାପାନି ବଦଲି ହେଲେ ତୋର୍ ଦିହ ଭଲ୍ ହୋଇଯିବା।''

ସେତେବେଳେ ସୀତା କହିଥିଲା, ''ମୁହିଁ ବାପ୍ ଘର୍‌କେ ଗଲେ ତୁମ୍‌କେ ରାନ୍ଧିବାଢ଼ି ପରଷିବା କିଏ ? ତୁମର କେତେ ଅସୁବିଧା ହେବା ?''

ମଦନ କହିଥିଲା, ''କିଛି ଅସୁବିଧା ନାଇଁ ହୁଏ। ଘରେ ମାଆ ଅଛନ୍। ଦୁଇ ଯାଆ, ମାଆଘରେ ଚାର୍ ଛ' ମାସ୍ ରହିକରି ଆସ୍‌ବୁ। ସେନ୍‌କେ ଗଲେ ଏତେ ଦହଶତ୍ (ପରିଶ୍ରମ) ହେବାକେ ନାଇଁ ପଡ଼େ, ଆଉ ତୋର୍ ଦିହି ଭି ଭଲ ହୋଇଯିବା।''

ସୀତା ଅଭିମାନ ସ୍ୱରରେ କହିଥିଲା, ''କଥା ଅଛେ 'ନୂଆଁନୂଆଁ ସୀତା କଏଁତା, ଜୁହ୍ନା ହେଲେ ପିତା'', ନୂଆଁ ହେଇ କରି ଯେତେବେଳେ ତୁମର ଘର୍‌କେ ଆସିଥିଲି, ସେତେବେଳେ କେତେ ଆଦର କେତେ ଗେଲ୍ କରୁଥିଲ। ଏଭେ ସୀତାକେ ବନ୍‌ବାସ୍ ପଠାବାକେ ମନ୍ ହେଉଛେ ତୁମର୍ ?''

''ବାପ୍ ଘର୍‌ଟା କାଣା ବନ୍‌ବାସ୍ ? ତୁମର୍ ବିନା ଯାହିଁ ଗଲେ ମୋର୍ ଲେଖେଁ (ମୋ ପକ୍ଷରେ) ବନ୍‌ବାସ୍ ; ହଉ, ସୀତା-ଠାକୁରାଣୀ ସେତେବେଳେ ବନ୍‌ବାସ୍ ଗଲେ, ସେ ତ ବାପ୍ ଘରକେ ଯାଇଥିଲେ।''

ସୀତାର ଅନିଚ୍ଛା ସତ୍ତ୍ୱେ କିପରି ମଦନ ତାକୁ ବାପଘରକୁ ପଠାଇ ଦେଇଥିଲା, ଆଜି ସେହିକଥା ଶତଶତ ବୃଶ୍ଚିକ ଦଂଶନର ଜ୍ୱାଳା ପରି ତା'ର ମର୍ମେମର୍ମେ ଜ୍ୱାଳା ଲଗାଇ ଦେଉଥାଏ, ପୁଅ ଜନ୍ମ ହେଲା ପରେ ମଧ ସେ ଆଉ ଶ୍ୱଶୁର ଘରକୁ ଯାଇନାହିଁ ପୁଅକୁ ଦେଖିବାକୁ। ଏଠି ହାସ୍‌ପାତାଳରେ ଜନ୍ମର ଦେଢ଼ବର୍ଷ ପରେ ସେ ପୁଅର ମୁହଁ ପ୍ରଥମ କରି ଦେଖିଛି। ଅଥଚ ଶିଶୁର କେଉଁ ଅପରାଧ ? ସୀତାର କେତେ ମିନତିଭରା ଚିଠି ପାଇଛି ସେ ପୁଅକୁ ଦେଖି ଯିବାକୁ, ପୁଅ ଓ ସୀତାଙ୍କୁ ବୁର୍ଲାକୁ ଫେରାଇ ଆଣି ନିଜ ପାଖରେ ରଖିବାକୁ ; କିନ୍ତୁ ସେ ଶ୍ୱଶୁର ଘରକୁ ଯିବା ତ ଦୂରର କଥା, ସୀତା ଚିଠିର କୌଣସି ଜବାବ ସୁଦ୍ଧା ଦେଇ ନାହିଁ। ସୀତାର କେଉଁ ଅପରାଧ ଯୋଗୁଁ ସେ ଏପରି ଅମାନୁଷିକ ବ୍ୟବହାର କରିଛି ? ଭାର୍ଯ୍ୟା ପ୍ରତି ସ୍ୱାମୀର ଯେଉଁ କର୍ତ୍ତବ୍ୟ, ପ୍ରେମ, ଆଦର କରିବା ଦୂରେଥାଉ, ପ୍ରାଥମିକ କର୍ତ୍ତବ୍ୟ ଭରଣପୋଷଣ କରିବା ଦୂରେଥାଉ, ମୁହଁ ଚାହିଁବାକୁ ସୁଦ୍ଧା ସେ କୁଣ୍ଠାବୋଧ କରିଛି। କେଉଁ କାରଣରୁ ? ବସନ୍ତ ରୋଗରେ ସୀତାର ମୁହଁର ସୌନ୍ଦର୍ଯ୍ୟ କମିଯିବାଟା କ'ଣ ତା'ପକ୍ଷରେ ଗୁରୁତର ଅପରାଧ ? ଏହି ପ୍ରଶ୍ନ ଆଜି ମଦନର ବିବେକ ମଦନକୁ ପଚାରୁଥିଲା।

ମଦନ ସୀତାର ମୁହଁକୁ ନିର୍ନିମେଷ ଦୃଷ୍ଟିରେ ଚାହିଁଥାଏ। ଦିନ ଥିଲା, ଯେତେବେଳେ ଏହି ମୁହଁ ତାକୁ ପ୍ରଲୁବ୍ଧ, ପିପାସାର୍ତ୍ତ କରୁଥିଲା। ଆଜି ସୁଦ୍ଧା ସେହି ଗୋଲ, ଡଉଲ ମୁହଁ, ସେହି ଧାର ନାକ, ସେହି ଛୋଟ କପାଳ ଅତୀତର ସୁନେଲି ଦିନଗୁଡ଼ିକୁ ମନେପକାଇ ଦେଉଛି। ପ୍ରସାଧନ ଅଭାବରୁ ମୁଣ୍ଡର ବାଳ ଅଯତ୍ନ ବିନ୍ୟସ୍ତ। କପାଳରେ ସିନ୍ଦୂରଟିକା ଅନୁଜ୍ଜ୍ୱଳ ହେଲେ ମଧ ଆଜି ବହୁ ଦିନର ବ୍ୟବଧାନ ଓ ବିରହ ପରେ ସୀତା ମୁହଁ, ଦେହ ଯେପରି ଅଜ୍ଞାତରେ ମଦନକୁ ଆକର୍ଷଣ କରୁଛି। ସମୁଦ୍ର ବେଳାର ନିୟମିତ ମୃଦୁ ଆଲୋଡ଼ନ ପରି ସୁଷୁପ୍ତା ସୀତାର ନିୟମିତ ନିଃଶ୍ୱାସ ପ୍ରଶ୍ୱାସ ତା'ର ମୁହଁ ଦେହରେ ଏକ ଅନବଦ୍ୟ ତାଳଭରା ବିଧୂନନ ଜଗାଇ ମଦନକୁ ଭାଷାହୀନ ପ୍ରେମ ସମ୍ଭାଷଣ ପରି ଜଣାଯାଉଥାଏ। ମଦନର ଆଖି ଦୁଇଟିର ରସାୟନ ଶକ୍ତି ଯେପରି ସୀତା ପ୍ରତି ଗଲା ଦୁଇ ବର୍ଷର ଘୃଣା ଓ ଉପେକ୍ଷାକୁ ହଠାତ୍ କରୁଣା ଓ ବାସନାରେ ପରିଣତ କରିଛି। ମଦନ ଚାହୁଁଥିଲା ତା'ର ଯଦି ଶକ୍ତି ଥାଆନ୍ତା, ତେବେ ସେ ଏହିକ୍ଷଣି ରୋଗଶଯ୍ୟାରୁ ଉଠି, ସୀତାକୁ ଓ ଅମରକୁ ନିଦରୁ ଉଠାଇ, ବାସ୍ତବତା ଓ ଦୁଃଖଭରା ଜନଗହଳି ହାସ୍‌ପାତାଳଠାରୁ ବହୁ ଦୂରକୁ, କଳ୍ପନାର ଜହ୍ନରାତିଭରା ବସନ୍ତ ରାତିକୁ, ନନ୍ଦନକାନନକୁ ନେଇଯାଆନ୍ତା। କିନ୍ତୁ ଆଜି ସେ ଅସହାୟ, ଅକର୍ମଣ୍ୟ, ଚଳତ୍‌ଶକ୍ତିରହିତ।

ମଦନର ଦୈହିକ ଯନ୍ତ୍ରଣାଠାରୁ ମାନସିକ ଗ୍ଲାନି ଓ ବେଦନା ହୋଇ ଉଠିଲା ଆହୁରି ତୀବ୍ରତର।

କିଛି ସମୟ ପରେ ସୀତା ଉଠି ବସିଲା। ମଦନର ବିଷାଦଭରା ମୁହଁ ଦେଖି ସୀତା ପଚାରିଲା, ''କେନ୍ତା (କିମିତି) ଲାଗୁଛେ ?''

ମଦନ କହିଲା, ''ପାଶ୍‌କେ ଟିକେ ଆ''

ସୀତା ଖଟ ପାଖକୁ ଆସିଲାରୁ ମଦନ ତା'ର ହାତ ଚାପିଧରି ନୀରବରେ ଅନାଇଥାଏ।

ସୀତା ପୁଣି ପଚାରିଲା, ''କେନ୍ତା ଲାଗୁଛେ ?''

ମଦନ କହିଲା, ''ତୁଇ ମୋର ଦୁଃଖ୍ କମ୍‌ତି କରିପାର୍‌ବୁ ?''

କହିଲା, ''ତୁମେ ଯାହା ବଲ୍‌ବ ମୁଇଁ ତାହା କର୍‌ବାକେ ତିଆରି ଅଛେଁ, କାଣା (କ'ଣ) ବଲୁଛ କହ।''

ମଦନ ବାଷ୍ପଭରା କଣ୍ଠରେ କହିଲା, ''ମୁଇଁ ଯାହା ଦୋଷ କରିଛେଁ, ମାଫ୍ କର୍।''

ସୀତା କହିଲା, ''ଛି, କାଏଁ କଥା କହୁଛ ? ତୁମେ ପରା ମୋର୍ ଦେବ୍‌ତା। ତୁମର ସୁଖ୍ ମୋର୍ ସୁଖ, ତୁମର୍ ଦୁଃଖେ ମୋର୍ ଦୁଃଖ୍। ତୁମର୍ ଲାଗି ମୋର୍ ଜୀବନ୍। କାଏଁ ଦୋଷ୍ କରିଛ ତୁମେ ?''

ମଦନ କହିଲା, ''ତୋତେ ବିନା ଦୁଷେଁ ମୁଇଁ ଘରୁ ଖେଦିଦେଲି। ତୁଇ ବାପଘର୍‌କେ ଗଲା ଉତ୍ତାରୁ ତୋର ମୁହଁ ଭି ନାଇଁ ଦେଖିଲି। ପଇସା କଉଡ଼ି ତ ଦେବାର୍ ଦୂରର୍ କଥା, ତୋର୍ ଚିଠିର୍ ଜବାବ୍ ଖଣ୍ଡେ ଭି ନାଇଁ ଦେଲି। ଏଡ଼େ ପୁଅର ମୁହଁକେ ନାଇଁ ଭି ଦେଖିଲି। ଇଥ୍‌ରୁ ବଢ଼ି କରି ଆଉ କାଏଁ ଅପରାଧ୍ ଅଛେ ? କହ, ମୋର୍ ଦୋଷ୍ ମାଫ୍ କରି ପାର୍‌ବୁ ? ମୋ ଦିହେ ଯେତିକି ଦୁଃଖ୍ ଅଛେ, ଗୋଡ଼ କଟାହେଲା ବଲି ମନଟା ଯେତ୍‌କି ଖରାପ୍ ଅଛେ, ଆହୁରି ବେଶି ମନ୍ ଖରାପ୍ ହେଉଛେ, ତୋତେ ବିନା ଦୁଷେ ଛାଡ଼ିଦେଲି ବଲି। ତୁଇ ମତେ ମାଫ୍ କରିଲେ ସେ ଦୁଃଖ୍‌ଟା କମ୍ ହେତା (ହୁଅନ୍ତା)।''

ସୀତା କହିଲା, ''ଇଥିର୍ ଲାଗି ଚିନ୍ତା କାଇଁ କରୁଛ ? ମୋର୍ କର୍‌ମେ ସୁଖ୍ ନାଇଁ ଲେଖି ବଲି ସିନା ଏତେ ଦିନ୍ ତୁମର୍‌ଠାରୁ ଅଲଗା ରହିଲି, ଇଥିରେ କାଏଁ ଦୋଷ୍। ତୁମେ ମୋର୍ ଦେବ୍‌ତା ସମାନ୍। ମୁଇଁ ବନ୍ଦର୍‌ଦସ୍ତି ତୁମର୍ ଘର୍‌କେ ଫିରି ନାଇଁ ଯାଇ କରି ବାପଘରେ ରହିଗଲି, ଇଟା (ଏଇଟା) ତ ମୋର୍ ଦୋଷ୍ ହେଇଛେ। ବାପଘରେ ଥାଇ କରି ମୁଇଁ ସବୁଦିନେ ଭାବୁଥାଏଁ ଖାଇବାର୍ ପିଇବାରେ ତୁମ୍‌କୁ କେତେ ଅସୁବିଧା ହେଉଥିବା। ତୁମ୍‌କୁ ମୁଇଁ ଦୁଃଖ୍ ଦେଇଛେଁ। ମୋର ଅପ୍ରାଧ ମାଫ୍ କର।''

ମଦନ କହିଲା, ''ତୁଇ କିଛି ଦୋଷ୍ ନାଇଁ କରି। ମତେ ଲାଗୁଛେ ମୁଇଁ ତୋତେ ବିନା ଦୁଷେ ଛାଡ଼ିଦେଲି ବଲି ଭଗବାନ୍ ମତେ ଶାସ୍ତି ଦେଇଛନ୍, କହ, ମତେ ମାଫ୍ କଲୁ ତ ?''

ସୀତା ଆଉ କିଛି କହିପାରିଲା ନାହିଁ। ଶୋକରେ ତା'ର କଣ୍ଠରୁଦ୍ଧ ହୋଇ ଉଠିଲା। ଶେଷକୁ ସେ ନିଜକୁ ସମ୍ଭାଳି କହିଲା, ''ତୁମେ ଭଲ୍ ହେଇଗଲ, ମୁଇଁ ସବୁ ଭରି ପାଇଲି। ଭଗବାନ୍ ମୋର ତରଫ୍‌ରୁ ତୁମକୁ ମାଫ୍ କରିଛନ୍, ଭଗବାନ୍ ମୋତେ ଯେନ୍ ସଙ୍କଟରୁ ପାର୍ କଲେ ସେ ମୋର ଦୋଷ୍, ତୁମର୍ ହେଇ କରି ମାଫ୍ କରିଛନ୍, ଗଲା କଥା ଯାଇ ଦିଅ। ଆଉର୍ ସେ କଥା ଭାବି କରି ନିଜର ଦୁଃଖ୍‌କେ କାଇଁ ବଢ଼ାଅ।''

ମଦନ କହିଲା, ''ଆଚ୍ଛା ହେଉ, ଗଲା କଥା ଯାଉ। ଆଗତ କଥା ଭାବ୍‌ଲେ ଆଖି ଅନ୍ଧାର ଦିଶି ଯାଉଛେ। ଗୋଡ଼୍ ଗୁଟେ କଥା ହୋଇଗଲା। ଚାଲ୍‌ବୁଲ୍ କର୍‌ବାର୍ ଶକ୍ତି ନାହିଁ ରହିଲା। ନୌକରି କରି ଯାହା ଦୁଇପଇସା କମଉଥିଲି ସେ ଦୁଇ ପଇସାର୍ ଆଶା ଭି ଆଉ ନାଇଁ ରହିଲା। ଇଥର୍ (ଏଥର) କେନ୍ତେଇ ଚଲ୍‌ମିଁ (ଚଳିବି) ସେ କଥା ଭାବ୍‌ଲା ବେଲ୍‌କେ ବୁଦ୍ଧିବାଟ୍ ନାଇଁ ଦିଶିବାର (ଦିଶୁନାହିଁ)। ତୋତେ ପୁଷ୍‌ବାର (ପୋଷିବା), ଘରେ ରଖିବାର୍ (ରଖିବା) ମୋର ଯାହା କାମ୍, ସେଟା ନାଇଁ କଲି। ଏଭେ ଏକ୍‌ଲା ମୋର, ନିଜର୍ ପେଟ୍ ପୁଷ୍‌ବାର ଶକ୍ତି ଭି ଗଲା। କାଣା କର୍‌ମି ?''

ସୀତା କହିଲା, ''ସେ କଥା ତୁମେ କାଇଁ ଭାବୁଛ ? ଯେନ୍ ଭଗବାନ୍ ଜନମ୍ ଦେଇଛେ, ସେ ଭଗବାନ୍ କରମ୍‌ଟେ ଭି ଦେଇଛେ। ସେ ଆମର ସବୁ ବନ୍ଦୋବସ୍ତ କର୍‌ବା। ଦୁନିଆ ଥି କେତେ ଲୋକ୍ କଣା, କୁଜା, ଛୁଟା (ଛୋଟା) ଲେଙ୍ଗ୍‌ଡ଼ା ହେଇ ଯାଉଛେନ୍ ? ତୁମେ ଚିନ୍ତା ନାଇଁ କର। ମୁଇଁ କାର୍ ଘରେ ରାନ୍ଧ୍‌ନୀ ରହି କରି ଆମର୍ ତିନ୍‌କର୍ (ତିନି ଜଣଙ୍କର) ପେଟ୍ ପୁଷ୍‌ମି। ତୁମେ ସମ୍ବଲପୁର୍ ସହରେ ପାନ ଦୋକାନ କଲେ ମାସ୍‌କେ ପଚାଶ ଷାଠିଏ ଟଙ୍କା କମାଇ ପାରିବ। ଟିକେ ଭଲ୍ ହୁଅ। ତୁମର୍ ଦିହେ ଟିକେ ବଲ୍ (ବଳ) ଆସୁ। ଛୁଟା (ଛୋଟା) ହେଲ ବଲି ନିଜ୍‌କେ ହୀନ୍‌ମାନ୍ ନାଇଁ ଭାବ। ମୁଇଁ ତୁମର୍ ବାଡ଼ି ହେଇ କରି ତୁମ୍‌କୁ ସାହା ହେମି, ତୁମର୍ ଆଶ୍ରା ହେମି।''

ମଦନ କହିଲା, ''ତୋର୍ ଉପ୍‌ରେ ମୁଁ ବୁଝ (ବୋଝ) ହେଇ ରହିମି ? ରାମ୍, ରାମ୍। ତୁଇ ଫେର୍ ବାପ ଘର୍ ବାହାରି ଯା'। ମୋର ଦୁଃଖ୍ ମୁଇଁ ଏକ୍‌ଲା ଭୁଗ୍‌ମିଁ। ମୋର୍ ଘର୍‌କେ ଆସ୍‌ଲା ଦିନୁଁ ତ ତୁଇ ଦୁଃଖୀ। ଫେର୍ ତୋର୍ ଉପ୍‌ରେ ବୁଝ୍ (ବୋଝ) ହେଇଗଲେ ମୋର୍ ମନେ ବହୁତ୍ ଦୁଃଖ୍ ହେବା।''

ସୀତା କହିଲା, ''ନାଇଁ ଗୋ ନାଇଁ, ତୁମେ ମୋର୍ ବୁଝ କାଇଁକି ହେବ, ତୁମେ ମୋର୍ ଅଲଙ୍କାର। ମତେ ଯଦି ଫେର୍ ବାପ ଘର୍‌କେ ଖେଦି ଦେବାକେ ଚାହୁଁଛ, ମୁଇଁ ଆଉ ନାଇଁ ଯାଏଁ। ତୁମେ ଯାହିଁ ଯିବ, ମୁଇଁ ଛାଇ ବାଗିର୍ (ଛାଇପରି) ଥିମି। ଇଟା (ଏଇଟା) ମୋର୍ ଭାଗ୍ୟ, ମୋର୍ ଶିରୀ।''

ମଦନ କହିଲା, ''ସତେ, ତୁଇ ସୀତା ନୁହୁଁ, ତୁଇ ସୀତା ଦେବୀ।''

ସୀତା ହସି କହିଲା, ''ଆଉ ତୁମେ ମୋର୍ ରାମଚନ୍ଦ୍ର ମହାପ୍ରଭୁ।''

ମଦନ କହିଲା, ''ଆଜିଯାଏଁ ମୁଇଁ ରାବଣ ହେଇକରି ଥିଲି। ଇଥର୍ (ଏଣୁ ବା ଏଣିକି) ରାମଚନ୍ଦ୍ର ହେବାକେ ଚେଷ୍ଟା କର୍‌ମି।''

ସୀତା ପୁଣି ହସି କହିଲା, ''ମନେ ଅଛେ କାଏଁ ; ରାମଚନ୍ଦ୍ରଙ୍କର ଅଶ୍ୱମେଧ ଯଜ୍ଞ ଉତାରୁ ସୀତା ଠାକୁରାଣୀ ଯେତେବେଳେ ଫେର୍ ରାମଚନ୍ଦ୍ରଙ୍କର ଆଗ୍‌କେ ଆସ୍‌ଲେ, ରାମଚନ୍ଦ୍ର ତଥାପି ତାଙ୍କୁ ନାଇଁ ରଖିଲେ।''

ମଦନ କହିଲା, ''ନାଇଁ ଗୋ ନାଇଁ। ତମେ ଆଉ ମୁଇଁ ନାଇଁ ଛାଡ଼େ।''

ମଦନ ସେଦିନ ବୁଝିଲା, ଆମ ଦେଶରେ ନାରୀମାନଙ୍କୁ ଦେବୀ ବୋଲି ଡାକିବା ତୋଷାମଦ ନୁହେଁ।

ଶ୍ରଦ୍ଧାକର ସୂପକାରଙ୍କ ଜନ୍ମ ୧୪ ସେପ୍ଟେମ୍ବର, ୧୯୧୪ରେ ଓ ପରଲୋକ ୫ ଜାନୁୟାରୀ, ୧୯୯୩ରେ। ରାଜନୀତି ଓ ସାହିତ୍ୟ-ଉଭୟ କ୍ଷେତ୍ରରେ ସମଭାବେ ଦୀପ୍ତ ତାଙ୍କର ପ୍ରତିଭା। 'ମଧ୍ୟମ ପୁରୁଷ', 'ଜୁଆର ଭଟ୍ଟା', 'ଗୋଟିଏ କରୁଣ ରାତି', 'କସ୍ତୁରୀ ମୃଗ' ଓ 'ବିଷକନ୍ୟା' ଆଦି ଲୋକପ୍ରିୟ କଥାଗ୍ରନ୍ଥର ସେ ଅମ୍ଳାନ ସ୍ରଷ୍ଟା। 'ଋଷିଆ ଭ୍ରମଣ' ଓ 'ତୀର୍ଥପଥେ' ଭ୍ରମଣ ବୃତ୍ତାନ୍ତ ଏବଂ 'ବୀର ସୁରେନ୍ଦ୍ର ସାଏ' ତାଙ୍କ ସୃଷ୍ଟିର ଅନ୍ୟତମ ଉଲ୍ଲେଖନୀୟ ଉଦାହରଣ।

ତା'ର ମନେପଡ଼ିଲା ପ୍ରାୟ ଦୁଇବର୍ଷ ତଳର କଥା, ଯେତେବେଳେ କି ସୀତା ବସନ୍ତ ରୋଗରେ ପୀଡ଼ିତ ହୋଇ ପଡ଼ିଲା। ସେହିଦିନୁ ଆରମ୍ଭ ହେଲା ସୀତାର ଦୁର୍ଭାଗ୍ୟର ଦିନ। ସୀତାର ରୋଗ ସମୟରେ ସେ ବରାବର ତା'ଠାରୁ ଦୂରରେ ରହିଥିଲା ଏବଂ ତା'ର ଦେହ ଓ ମୁହଁର ବିକୃତି ଯୋଗୁଁ ସୀତାକୁ ଘୃଣା ଚକ୍ଷୁରେ ଦେଖିବାକୁ ଆରମ୍ଭ କଲା।

# କବିତା

## ଭୁଆଁ ଭୁଲା

**ହରିଶ୍ଚନ୍ଦ୍ର ବେହେରା**

**କେ**ଉଁଠି ଥାଏ ସେ
ଶୂନ୍‌ଶାନ୍ ସେସେଆଁ ଗହିରରେ
ଭୁଲେଇ ଦିଏ ବାଟ

କୋକୁଆ ପରି
କେହି ଦେଖିନାହାନ୍ତି ତା’ ଚେହେରା
ପବନରେ ଥାଏ
ଚିହ୍ନ। ବାଟୋଇର ପଛେପଛେ
ଛାଇ ପରି ଚାଲେ

ସରୁନଥାଏ ବାଟ ମେଳା କି ଅପେରା
ଦେଖିଯିବା ଲୋକଙ୍କର
ରାତି ସାରା ଭୁଆଁ ବୁଲାଉଥାଏ
ବୁଲିବୁଲି ପୁଣି ପହଞ୍ଚି ଯା’ନ୍ତି
ଆରମ୍ଭ ବିନ୍ଦୁରେ

ପରସ୍ପର ମୁହଁ ଅନେଇ କହନ୍ତି
କସ୍ତୁରୀ ମୃଗ ପରି
ଆମେ କ’ଣ ଘୂରୁଥିଲୁ ନିଜ ଚାରିପଟେ
ସାଙ୍କୁଡ଼ି ହୋଇ ସାରା ରାତି !!

କେଉଁ ଅଶରୀରୀ ପ୍ରେତାତ୍ମାଟିଏ
ଦାଉ ସାଧିଲା କି ଆମ ଉପରେ
ସଂସ୍କାରିତ ହୋଇନି ବୋଲି!

ପବନରେ ଫାଶ ବାନ୍ଧି କିମିଆ କରେ
ରୁନ୍ଧିଦିଏ ବାହାରିବାର ସବୁ ବାଟ

ମେଳା ଦେଖା ହୁଏନି କି ଅପେରା
ମଉଳା ମୁହଁ ଉପରେ
ନିଦ ମଳମଳ ଉଜାଗରି ଆଖି
କ୍ରମେ ଝଲସି ଉଠେ ଅଧାମୁକୁଳା
ଫୁ କିଆ ତାରା

ପଛକୁ ଚାହିଁଲେ ଦିଶେ କୁହୁଡ଼ିଢଙ୍କା ବାଟ
ଦୂର ଦିଗ୍‌ବଳୟରେ ଗୋଟେ ଅଦେଖା ପୃଥିବୀ
ଯେଉଁଠି ବାସ କରନ୍ତି
ଭୁଆଁ ବୁଲାଉଥିବା ପ୍ରେତ ପ୍ରେତୁଣୀ
ଚିରଗୁଣୀ ପିଶାଚୁଣୀ
ବ୍ରହ୍ମ ରାକ୍ଷସ ଯକ୍ଷ ଗନ୍ଧର୍ବ
ମୁଣ୍ଡ ତଳକୁ କରି ସଡ଼ସଡ଼ ଗୁହ ଖାଉଥିବା
ଉଭା ଲଙ୍ଗଳା ଡାଆଣୀ

କେଉଁ କାଳରୁ ତ ଏମାନେ
ଆଚ୍ଛନ୍ନ କରି ରଖିଛନ୍ତି ଆମ ବିଶ୍ୱାସକୁ
କିଟିମିଟିଆ କଳା ଅନ୍ଧାରକୁ

ଟିକିଏ ଆତ୍ମୀୟତାରେ
ବାନ୍ଧି ହେବାକୁ ଚାହାନ୍ତି ବିଚରାମାନେ
ଟିକେ ସୁଯୋଗ ପାଇଲେ ପଶିଆସନ୍ତି
ଦେହ ଭିତରକୁ

ଏମିତି ଗୋଟେ ଅନ୍ଧାର କାବୁ କରିଥିଲା ଆମକୁ
ସାଥିହୋଇ ନଈ ସେପାରି
ପଂଦୃଙ୍ଗି ମେଳା ଦେଖିଯିବା ବାଟରେ
ଭୁଆଁ ବୁଲୁବୁଲୁ ବାଉଳା ହୋଇ
ଫେରିଆସିଥିଲୁ
ଅସଫଳତାର ଉଜାଗରି ଆଖି ନେଇ... !!

ମୋ: ୯୪୩୭୮୧୩୭୦୮

## ଗୀତି-କବିତା

## ଜୀବନ ଯେଉଁଠି ଟଙ୍କାଏ ଚାଉଳ

**ବିପିନ୍ ବେହେରା**

**ଜୀ**ବନ ଯେଉଁଠି
ଟଙ୍କାଏ ଚାଉଳ
ସପନ ଯେଉଁଠି
ଇନ୍ଦିରାଆବାସ ଗୃହ
ସେଠି ପଚାରିଲେ
କେମିତିକା ଅଛି
କି ଉତ୍ତର ଦେବି କୁହ ? ।୦।

ଫାଇଲ୍ ଫିତାରେ
ନିତି ଏଠି ଫୁଟେ
ଯୋଜନାର ଜହ୍ନିଫୁଲ
ପଞ୍ଚାତଳେ ବସି
ହାଇ ମାରୁଥାଏ
ଶୋଷଣର ଶଙ୍ଖଚିଲ
ତଥାପି ଶୁଖେନି
କଳାହାଣ୍ଡି ଆଉ
ନଗଡ଼ା ଆଖିର ଲୁହ। ।୧।

କଲମ ମୁନରେ
ଭାତ ଫଳେ ଏଠି
ମାଟିରେ ଫଳେନି ଭାତ
ମାଟି ଫାଟିଗଲେ
ଫାଟିଯାଏ ନାହିଁ
କଂକ୍ରିଟ୍ ରାଜପଥ
ବିଧବା ହୁଏନି
ରାଣୀହଂସପୁର
ଛେଉଣ୍ଡ ହୁଏନି
ମଖମଲି ରାଜାପୁଅ ।୨।

ମୋ: ୯୮୫୩୫୭୯୪୮୪

## କ୍ଷୁଧା

**ଅନସୂୟା ପଣ୍ଡା**

**ଦେ**ହର ଉଷ୍ମତା ଦେଇ, କେବଳ କ୍ଷୁଧାକୁ ମେଣ୍ଟାଏ
ଜଳି ଜଳି ଆଲୋକରେ ଅନ୍ୟର ଅନ୍ଧାର ହଜାଏ
ଏକା ଏକା ଶୂନ୍‌ଶାନ୍ କଣ୍ଟାବୁଦା ମୂଳେ, ନିର୍ଜନ ଜାଗାରେ,
ନାଳ କଡ଼ରେ, ଡଷ୍ଟବିନ୍‌ରେ, ମନ୍ଦିର ପାଖରେ,
କେହି ମତେ ଛାଡ଼ିଯାଏ ନିଃସହାୟତାରେ।

କ୍ଷୁଧାକୁ ମେଣ୍ଟାଉ ମେଣ୍ଟାଉ ଭୁଲିଯାଏ ମାନବିକତାକୁ
କେବଳ ପୁରୁଷ ନୁହେଁ, ନାରୀ ବେଶି ଦାୟୀ
କେମିତି ତା’ ମନ କହେ, କେମିତି ତା’ ହାତ ଯାଏ,
ନଅ ମାସ ରକ୍ତ ଦେଇ ଶେଷରେ
ତିକ୍ତତାରେ ଛାଡ଼ିଯାଏ, ତାଡ଼ନା ସହିବା ପାଇଁ।

କେବଳ ମା’ ହିଁ ମୋ’ ଆପଣାର ଥିଲା
ଯା’ ପେଟରେ ପାଦ ମାରିଥିଲି
କେତେ ସ୍ୱପ୍ନ ଥିଲା ମୋର, ତା’ ବୁକୁରୁ କ୍ଷୀର ଖାଇଥା’ନ୍ତି
ତା’ କୋଳରେ ଝୁଲିଝୁଲି ବାଇଚଢ଼େଇ ଗୀତ ଶୁଣିଥା’ନ୍ତି।
କିନ୍ତୁ ସେ ବି ତ ଛାଡ଼ିଦେଇ ଗଲା ନିକାଞ୍ଚନରେ,
ନିଃଶବ୍ଦରେ ସମସ୍ତଙ୍କ ଅଲକ୍ଷ୍ୟରେ।

ଦେଖ ଦେଖ ବାପା ଆସିଲେଣି କହି
ମା’ ମତେ ବାପାଙ୍କୁ ଚିହ୍ନେଇ ଥା’ନ୍ତା।
ସେ କିନ୍ତୁ ଭୁଲିଗଲା ମୋ’ କ୍ଷୁଧା କଥା,
ମୋ’ ପେଟର ତାତି,
ମୋ’ ଆଖିର କାତର ବିନତି
ଜୁଳୁଜୁଳୁ ଚାହିଁଥିଲି ଅସହାୟତାର କ୍ଷୁଧାରେ
ସେ ତ ମା’ ଥିଲା କେମିତି ଛାଡ଼ିଗଲା ?

କିଏ ନେଲା, କେମିତି ରଖିଲା ?
କାଗଜକଲମ ଦେଲା ନା ଝାଡୁପୋଛା ଦେଲା ?
ନା କୋଡ଼ି କି ବନ୍ଧୁକ ଦେଲା ?
କେମିତି ସେ ଛାଡ଼ିଗଲା,
ନିଜ କ୍ଷୁଧା ମୋ’ ଭିତରେ ଭରିଦେଇ
ଚିହ୍ନାଚିହ୍ନା ସହରରେ ଅଚିହ୍ନା ମଣିଷ ହୋଇ!

**ଇଞ୍ଜିନିୟରିଂ କଲେଜ, ବୁର୍ଲା, ସମ୍ବଲପୁର, ଓଡ଼ିଶା**
ମୋ: ୯୪୩୯୨୧୧୯୭୧

## ଆସ୍ତରଣ

**ସୁଶ୍ରୀ ସଙ୍ଗୀତା ମିଶ୍ର**

**ଜା**ଣିଛି, ଏ ପୋଷାକରେ
ଅନାୟାସେ ଭାଙ୍ଗ ପଡ଼ିଯିବ।
ସମୟ ଯେ ତା’ ଉପରେ ମନଇଚ୍ଛା
ଗାର ଟାଣି ଯିବ
କେତେ ଋତୁ ଚାଲିଯିବେ ସୁଖ ଓ ଦୁଃଖର
ପ୍ରତ୍ୟେକଙ୍କ ପଦ ଚିହ୍ନ ତା’ ଉପରେ
ଅଗଣିତ ଦାଗ ଛାଡ଼ିଯିବ।

ଯାହାର ଆସିବା ନିର୍ଦ୍ଦିଷ୍ଟ କେବଳ,
‘ନିର୍ଦ୍ଦିଷ୍ଟ ସମୟାନ୍ତର’
ଆକାଶ ଫେରେଇ ନେବ ତା’ ରଙ୍ଗ ଏ ଆଖିରୁ
ଓ ଫୁଲମାନେ ଓଠରୁ
ସେ ଭିତରେ କେତେ ମେଘ ବର୍ଷିଯିବ
ଆଉ ତା’ର ଅଜସ୍ର ପାଣିରେ
ବାକିତକ ରଙ୍ଗ ଧୋଇଯିବ।

ଏହା ହିଁ କାହାଣୀ ବୋଧେ
ଏକକ ସତର
ସମୟ ଯେ ସ୍ୱତ୍ୱଧାରୀ ସବୁ ସୌନ୍ଦର୍ଯ୍ୟର
ଘଟଣା ଓ ଦୁର୍ଘଟଣାର
ଦୃଶ୍ୟର, ଅଦୃଶ୍ୟର
ସବୁ ନୂତନତା ଟାଣି ହୋଇଯାଏ ତା’ ଗର୍ଭକୁ
ପ୍ରଚଣ୍ଡ ବେଗରେ
ସବୁ କୋମଳତା ଟାଣ ହୁଏ ଧୀରେ ଧୀରେ
ଖାଲି ଯାହା ରହିଯାଏ ତା’ ଉପରେ
ଗାର, ଦାଗ, ଭାଙ୍ଗ, ଗର୍ତ୍ତ ଓ ଗହ୍ୱର।

ସବୁ ଆସ୍ତରଣ ଛାଡ଼େ
ପରସ୍ତ ପରସ୍ତ ହୋଇ
ଲିଭି ଆସେ ଧୀରେ ଧୀରେ
ଗାର ଦାଗ ଭାଙ୍ଗ ଓ ଗହ୍ୱର
ଛାଡ଼େ ଆସ୍ତରଣ ସବୁ
ଦର୍ପର, ଦମ୍ଭର,
ଅହଂକାର, ଅଜ୍ଞାନତା ଆଉ ଅନ୍ଧକାର
ଆସ୍ତରଣ ଛାଡ଼େ ବି ନିରୀହତାର,
ଜିଜ୍ଞାସୁ ମନର,
ସବୁ ଖୋଜାଲୋଡ଼ାର।

ଧୀରେ ଧୀରେ ଲିଭି ଲିଭି ଯାଏ
ଆଲୁଅ ଓ ଅନ୍ଧାରର ଲୁଚକାଳି ଖେଳ
ଲିଭି ଆସେ ପରିଭାଷା ଭୁଲ ଓ ଠିକ୍‌ର
ସବା ଶେଷ ଆସ୍ତରଣ ବହଳ ଶୂନ୍ୟତାର
ଆଉ ତା’ ଛାଡ଼ିଗଲା ପରେ ଯାହା ରହିଯାଏ
ସେଇ ଯେ ଦୃଶ୍ୟ, ପୂର୍ଣ୍ଣତାର।

ମୋ: ୯୮୮୪୦୨୦୩୮୪

# ସ୍ୱଗତୋକ୍ତି

## ଗଳ୍ପ

ଡ. ନାରାୟଣ ବାରିକ

ଆଜିର ଦୃଶ୍ୟ ହତଚକିତ କରିଦେଇଛି ମୋତେ। ବର୍ଣ୍ଣବୋଧର ବର୍ଣ୍ଣମାଳା ପରି ପ୍ରତିଟି ସ୍ମୃତି ମନର ଟିଭି ପରଦାରେ ରଙ୍ଗିନ ଚିତ୍ର ପରି ସଜେଇ ହୋଇ କ୍ରମଶଃ ଅନ୍ତର୍ହିତ ହୋଇଯାଉଛି।

ଲିଟୁ, ମିଟୁ ଥିଲେ ଏହିପରି ମଜା ହେଉଥା'ନ୍ତା। ସେମାନଙ୍କ ସହ କଥାବାର୍ତ୍ତା କରି ବଳକା ସମୟଗୁଡ଼ାକ କିପରି କଟିଯାଆନ୍ତା ଜଣାପଡୁ ନ ଥାନ୍ତା।

ଅଳସେଇ ସମ୍ବଲପୁର ସହର ଯେମିତି ଆଡ଼ରୁଷା ଦେଇ ଆକାଶକୁ ଚାହିଁ ରହିଛି। ସଞ୍ଜ ଶୁଆ କେତେ କଥା ମନକୁ ଆସିଲେ ବି ଏକୁଟିଆ କହି ହୁଏନି। ବଣଜଙ୍ଗଲଘେରା ଜରିଲଗା ସମ୍ବଲପୁରୀ ପାଟ ପରି ତା' ଦେହରେ ଚିକ୍‌ମିକ୍ ମାରେ। ପାହାଡ଼ ସବୁ ସମ୍ବଲପୁର ନଦୀର ସାମ୍ପୋଦିଆ ଅଳରାମଲରା କେଶ ପରି ଇତସ୍ତତଃ, ତଥାପି ଭରା ଆକାଶ ତଳେ ତା' ସଙ୍ଗେ ମନଭରି ଗପିବାକୁ ଭାରି ଇଚ୍ଛାହୁଏ। ତା' ମନର ସଫେଦ ସିଲଟ ଉପରେ ଜହ୍ନର ଛବିଟିଏ ଆଙ୍କି ଦେଲେ ତାକୁ କିପରି ଲାଗନ୍ତା।

ସେ ଦିନର ସଞ୍ଜ ନଇଁ ଆସିବା ପୂର୍ବରୁ କେମିତି ଗୋଟାଏ ଭାବନା ହନୁମାନର ଗନ୍ଧମାର୍ଦ୍ଦନ ପର୍ବତ ପରି ମୋ' ମନ ଆକାଶକୁ ଆଚ୍ଛାଦନ କରିଥିଲା।

ଆସନ୍ତାକାଲି ପାଇଁ ମନରେ ଉଦ୍‌ବେଳନ।

ନିଃସଙ୍ଗତା ଭିତରେ ଏ ସହରକୁ ଏକାଏକା ପଢ଼ିବାର ନିଗୂଢ଼ ଆବେଦନ ଆଜି କିପରି ଅସ୍ପଷ୍ଟ ହୋଇ ଉଠୁଛି।

ହାଟଫେରନ୍ତା ଆଦିବାସୀ ଦମ୍ପତି ମୋତେ ପାଇ ନିଜକୁ ଧନ୍ୟ ମନେକରୁଥିଲେ। ହଜି ଯାଇଥିବା ନିଧିକୁ ସେ ହାତପାହାନ୍ତାରେ ପାଇଛନ୍ତି। ଏ ସୁଯୋଗ ଛାଡ଼େ କିଏ। ମଧ୍ୟମ ବୟସ ହୋଇଥିଲେ ବି ଶ୍ରମଜନିତ ଛାପ ଅଙ୍ଗପ୍ରତ୍ୟଙ୍ଗରେ ବେଶ୍ ବାରି ହୋଇପଡୁଛି।

ଦୂର ହାଟ ବୋଲି ଦୁହେଁ ବାହାରି ପଡ଼ିଥିଲେ ସକାଳୁ। କାନିରେ ବାନ୍ଧି ନେଇଥିବା ଜଳଖିଆରେ ଦିନଟା ବିତିଯାଇଛି। କାମ ନ ମିଳିବାରୁ ମୁଖିଆ ମାର୍ଫତ୍‌ରେ ଏଜେଣ୍ଟ ସଙ୍ଗରେ ଅନ୍ୟମାନଙ୍କ ସହ ସପନି ମୁଣ୍ଡା ଚଉଦ ମାସ ତଳେ ଆନ୍ଧ୍ର ଯାଇ ଫେରି ଆସିଛି। କି ଅଶୁଭ ଯୋଗରେ ଯାଇଥିଲା କେଜାଣି ମାଲିକ ପାଖରେ ବେଠି ଖଟି ଦେହର ସବୁ ବଳ ସାରି ଦେଇଥିଲା। ଭାଗ୍ୟକୁ ମାଲିକର ଜଗୁଆଳଙ୍କ କବଳରୁ ଖସି ଓଡ଼ିଶା ଚାଲି ଆସିଲା ଜଣେ ବାବୁଙ୍କ ସାଙ୍ଗରେ। ସେଦିନ ତା' ଦୁଃଖ ଶୁଣି ଓଡ଼ିଶାର ବାବୁ ଜଣକ ତା' ଖର୍ଚ୍ଚବାର୍ଚ୍ଚ ଦେଇ ତାକୁ ଘରକୁ ପଠାଇ ଦେଇଥିଲେ। ସେଇ ଅଜଣା ବାବୁଙ୍କ ଉଦ୍ଦେଶ୍ୟରେ ହାତ ଉଠେଇ ନମସ୍କାର କଲା ସପନି ମୁଣ୍ଡା। ମୁଁ ବି ଜଣେ ଭଲ ବାବୁ ବୋଲି ତା'ର ଧାରଣା ହୋଇଗଲା। ସ୍ୱାମୀ-ସ୍ତ୍ରୀ ମୋତେ ବହୁତ ଗୁହାରି ହେଲେ। ସେ ଦୁଇଯୋଡ଼ା ଆଖି ତଳେ ଜୀବନ ପାଇଁ ବଞ୍ଚିବାର ସାହାନାଇ ତୁହାକୁତୁହା ଗୁମୁରି ଉଠୁଥିବାର ମୁଁ ଯେପରି ପଢ଼ି ପାରୁଥିଲି।

ଲିଟୁ, ମିଟୁ ସପନି ମୁଣ୍ଡା କାନ୍ଧରୁ ଆସି ମୋ' କାନ୍ଧରେ ବସିଲେ। ନୂଆନୂଆ ତାଙ୍କର ଅସ୍ପଷ୍ଟ କଥା ମୁଁ ଯେପରି ବୁଝି ପାରୁଥିଲି।

– ବାବୁ! ଏ ଦୁଇଟି ଜୀବନ ଭିତରେ ଆପଣ ସବୁ ଖୋଜି ପାଇପାରିବେ। ମନା କରନ୍ତୁନି ବାବୁ। – ସପନି ମୁଣ୍ଡା ଆଖିରେ ଲୁହ।

ସମ୍ବଲପୁର ସହର ଉପକଣ୍ଠରେ ଲମ୍ବିଯାଇଥିବା ସେହି ଏକୁଟିଆ ରାସ୍ତା ଦେଇ ଆଉ କେହି ଯାଉଥିବାର ମୋ' ଦୃଷ୍ଟି ପଥାରୂଢ଼ ହେଉ ନ ଥିଲା।

ପକେଟ୍‌ରେ ଥିବା ଟଙ୍କାତକ ଦେଇ ମୁଁ ସେହି ପାଣିଚିଆ ଅନ୍ଧାରରେ ଲିଟୁ ଆଉ ମିଟୁକୁ ନେଇ ଆସିଥିଲି। ଛନଛନିଆ ଚେହେରା ଭିତରେ ସେମାନଙ୍କର କଥାକୁହା ଆଖିରେ ସେମାନେ ମୋତେ ଯେପରି ବେଶ୍ ବୁଝି ପାରୁଥିଲେ। ପଛକୁ ନ ଚାହିଁ ସେଦିନ ସନ୍ଧ୍ୟାର ଏହି କାହାଣୀକୁ ମୋ' ଡାଏରୀ ପୃଷ୍ଠାରେ ଅବିକଳ ଭାବେ ରୂପ ଦେବାକୁ ଆଗକୁ ଲମ୍ବାଲମ୍ବା ପାହୁଣ୍ଡ ପକାଇ ସେ ସ୍ଥାନ ଛାଡ଼ିଥିଲି।

ରାତି ବାରଟା ପରେ ସେଦିନ ସମ୍ବଲପୁର ସହରକୁ ବିଦାୟ ଦେଇ ଟ୍ରେନ୍‌ରେ ବସିଥିଲି। ଟ୍ରେନ୍ ଛାଡ଼ିବା ପରେ– ଝର୍କା ଦେଇ ବାହାରକୁ ଚାହିଁଲି। ଲୁଲୁଲୁଲୁ ହୋଇ ସପନି ମୁଣ୍ଡା ଆଉ ତା' ସ୍ତ୍ରୀର ଜଳନ୍ତା ଆଖିପରି ଆଲୁଅଗୁଡ଼ାକ ଦପ୍‌ଦପ୍ ହେଉଛନ୍ତି। ଦୁହେଁ ଆଜି ରାତିରେ କିପରି ଶୋଇଥିବେ ଭାବୁଥିଲି। ଲିଟୁ ଆଉ ମିଟୁକୁ ନ ଆଣି ଟଙ୍କାତକ ସେମାନଙ୍କୁ ଦେଇଥିଲେ କିପରି ହୋଇଥାନ୍ତା। ଲିଟୁ ଆଉ ମିଟୁ ଉପରେ ଆଶା ରଖି ସେମାନେ ପୁଣି କିଛିଦିନ ହାଡୁଆ ଦେହରେ ବଳ ସଞ୍ଚାର କରି ନିଃଶ୍ୱାସ ମାରିଥା'ନ୍ତେ।

କଟକ ସହରର ଗହଳଚହଳ ଭିତରେ ସବୁଜ ବଣଜଙ୍ଗଲ ଖୋଜି ନ ପାଇଲେ ବି ଲିଟୁ ଆଉ ମିଟୁ ଉଭୟଙ୍କର ରଙ୍ଗରୂପ ଭିତରେ ମୁଁ ସବୁ ପାଇ ପାରୁଥିଲି। ଲିଟୁ ସବୁବେଳେ ମିଟୁ ଉପରେ ହାକିମାତି ଦେଖାଉଥିଲା। ଦୁଇଜଣ ବେଳେବେଳେ ଖୁବ୍ ଝଗଡ଼ା ଲାଗୁଥିଲେ। କିନ୍ତୁ ସେହି ଝଗଡ଼ା ସମୟରେ ମୁଁ ଉପସ୍ଥିତ ହୋଇଗଲେ ଦୁହେଁ ଚୁପ୍‌ଚାପ୍ ପରସ୍ପରକୁ ଖାଲି ଅନାଅନି। ତା' ସତ୍ତ୍ୱେ ବି ଲିଟୁର ଚଗଲାମି ଧରା ପଡୁଥିଲା। ମୋ' ସାମ୍‌ନାରେ ବି ସେ ମିଟୁକୁ ଆକ୍ରମଣ କରିଛି। ବହୁତ ନରମ ଗଳାରେ ଉଭୟଙ୍କୁ ବୁଝାଇଛି। ମିଟୁକୁ କୋଳରେ, କାନ୍ଧରେ ବସାଇ ତା' ଦେହରେ ହାତ ବୁଲାଇ ଲିଟୁର ଦୁଷ୍ଟାମିକୁ ଭୁଲିଯିବାକୁ ବୁଝାଏ। ଏହା ସତ୍ତ୍ୱେ ବି ଲିଟୁର ରାଗ ମିଟୁ ଉପରେ। ଲିଟୁକୁ ବି ପାଖକୁ ଆଣି ଅନେକ ବୁଝାଏ।

ସପନି ମୁଣ୍ଡାର ସ୍ତ୍ରୀ ଡାଞ୍ଚାରେ ମିଟୁ ଯେପରି ଗଢ଼ା, ସବୁବେଳେ ଚୁପ୍‌ଚାପ୍। କମ୍ କଥା। କିନ୍ତୁ ସେଇ ଅଳପ କଥା ତା'ଠାରୁ ମୁଁ ଶୁଣିବାକୁ ଅପେକ୍ଷା କରିଥାଏ। ନରମ ଗଳାରେ ବହୁତ ମିଠା କଥା କହେ। ବାହାରୁ ଫେରିବାର ସୂଚନା ପାଇବା ମାତ୍ରେ 'ଡାଡି' ଡାକରେ ଘରେ ସମସ୍ତଙ୍କୁ ଚମକାଇ ଦେବ। ଲିଟୁ ଟିକିଏ ଦୁଷ୍ଟ। ଓଡ଼ିଆ ଶବ୍ଦ ଅପେକ୍ଷା ଉଭୟେ ଅନେକ ଇଂଲିଶ୍ ଶବ୍ଦ ଶିଖିଯାଇଛନ୍ତି। ଏକଥା ମନେପକାଇ ମୁଁ ମଧ୍ୟ ଅନେକ ସମୟ ଏକୁଟିଆ ହସିହସି ବେଦମ୍ ହୋଇଯାଏ। ଇଂଲିଶ୍ ଅଧ୍ୟାପକଙ୍କ ଘର ତ ତେଣୁ ଇଂଲିଶ୍‌କୁ ଆୟତ୍ତ କରିବା ସହଜ ହୋଇପଡ଼ିଛି।

ଏଇ ଭାଷା ଶିଖିବା ନେଇ ମୋ' ମନରେ ବି ପ୍ରଶ୍ନ ଉଠେ। ସମ୍ବଲପୁର ସହରରେ ଏମାନେ ଥିଲେ ଦୁହେଁ ସମ୍ବଲପୁରୀ ଭାଷା କହୁଥାନ୍ତେ, ବୁଝି ବି ପାରୁଥାନ୍ତେ। ନତୁବା ସପନି ମୁଣ୍ଡା ତା' ଅଲିଚିକି ଭାଷା ଏମାନଙ୍କୁ ଶିଖାଇଥା'ନ୍ତା।

ଲିଟୁ ପାଇଁ ମୁଁ ବେଳେବେଳେ ବିବ୍ରତ ହୋଇପଡ଼େ। ମତେ ଜାଣିଶୁଣି ବେଳେବେଳେ ସେ ଚିଡ଼େଇବାକୁ ଚେଷ୍ଟାକରେ। ୱେଟିଂ ରୁମ୍‌ରେ କେହି ଭଦ୍ର ଲୋକଙ୍କ ସହ କଥା ହେଉଥିଲେ, ସେ ଘର ଭିତରୁ ଥାଇ କହିବ– 'ନନ୍‌ସେନ୍‌ସ', 'ନନ୍‌ସେନ୍‌ସ'– ଗେଟ୍‌ଆଉଟ୍। ସପନିର ସ୍ତ୍ରୀ ପରି ମିଟୁର ବହୁତ ଘରକରଣା ବୁଦ୍ଧି। ଲିଟୁର ଏକଥା ଶୁଣି ସେ କହିବ 'ଷ୍ଟପ୍ ଇଟ୍'। ଗେଷ୍ଟ କାଳେ ଖରାପ ଭାବିବେ ତେଣୁ ସେ ମଧ୍ୟ ଘର ଭିତରୁ ରହି କହେ– 'ଏକ୍ସକ୍ୟୁଜ୍ ମି ସାର୍', 'ଏକ୍ସକ୍ୟୁଜ୍ ମି ସାର୍'।

ଏସବୁ କଥାକୁ ଏଡ଼ାଇବାକୁ ଯାଇ ମୁଁ ମଝିରେ ଚାହା ଆଣିବା ବାହାନାରେ ଘର ଭିତରକୁ ଆସି ଉଭୟଙ୍କୁ ତାଗିଦା କରି କହେ– 'ସାଇଲେନ୍ସ', 'ନୋ ଟକିଂ'।

ଲିଟୁ କେତେବେଳେ ମୁଁ 'ନନ୍‌ସେନ୍ସ' କହି କାହା ଉପରେ କେତେବେଳେ ବିରକ୍ତି ପ୍ରକାଶ କରିବା ବେଳେ କଥାଟି ମନେରଖି ଦେଇଥିବାରୁ ମୁଁ ନିଜକୁ ଲଜ୍ଜିତ ମନେକରେ। ତା' ପରଠାରୁ ମୋ' କଥାବାର୍ତ୍ତାରେ ବହୁତ



ସଂଯମତା ରକ୍ଷା କରିଛି। ଏମାନେ ଖରାପ ଭାଷା ନ କୁହନ୍ତୁ। ଲିଟୁ ଭାଷା ଶିଖିବାରେ ଯେମିତି, ଆକ୍ସନରେ ବି ସେମିତି ତତ୍ପର। ତେଣୁ ସେ 'ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଲିଟିଲ୍ ଷ୍ଟାର୍' ରାଇମ୍ସକୁ କହିବା ସହ ବେଶ୍ ଆକ୍ସନ ବି ଦେଖାଏ। ଲିଟୁ ପାଇଁ ମୋ' ମନରେ ଅନେକ ପ୍ରଶ୍ନ। ମିଟୁର ଖାଇବା ଭାଗରୁ ସେ ଖାଇଦେବ। ତା' ପ୍ଲେଟ୍‌କୁ ଫୋପାଡ଼ି ଦେବ।

ତଥାପି ଦୁଇଜଣଙ୍କ ଜୀବନବୀଣାର ମଧୁର ସ୍ୱର ବେଳେବେଳେ ନିଃସଙ୍ଗତାର ସୁଯୋଗ ନେଇ ଝଙ୍କୃତ ହୋଇଉଠେ। ସମ୍ବଲପୁରର ପ୍ରକୃତି ପରିବେଷ୍ଟିତ ବଣପାହାଡ଼ ଘେରା ଜୀବନ ଯେପରି ଉଭୟଙ୍କର ମନେପଡ଼ିଯାଏ। ଦୁଇଜଣଙ୍କ ଭିତରେ ଭାବର ଆଦାନପ୍ରଦାନ ହୁଏ। ଦେହକୁ ଦେହ ଲଗାଇ ମୁହଁକୁ ମୁହଁ ଯୋଡ଼ି ଦୁହେଁ କି କଥାବାର୍ତ୍ତା ହେଉଥା'ନ୍ତି। ସେମାନଙ୍କ ଅଜାଣତରେ ମୋତେ ଏସବୁ ଦେଖିବାକୁ ବହୁତ ଭଲ ଲାଗେ। ମନକୁ ଆସେ କେଉଁ ବଣପାହାଡ଼ ଜଙ୍ଗଲରେ ଆକାଶର ରଙ୍ଗ ଦେଖି ଏମାନେ ଆତ୍ମହରା ହେଉଥା'ନ୍ତେ। ସେହି ପ୍ରକୃତି କୋଳର ଜୀବନଧାରା ତା'ରି ପାଣି, ପବନ, ତା'ରି ଭାଷାରେ ଏମାନଙ୍କର ଜୀବନଧାରା ହୋଇଥାନ୍ତା ବୁଦ୍ଧିମନ୍ତ। ନା ଥାଆନ୍ତା ଆଧୁନିକ ମଣିଷର ଭାଷା ନା ବନ୍ଧନ। ଯେଉଁ ବନ୍ଧନରେ ଦୁଇଟି ଜୀବନ ବାନ୍ଧି ହୋଇଯାଇଛି, ସେହି ଅତୀତରୁ ଏ ଘରେ– ସେ କାରାଗାରରେ ଜୀବନ ନୁହେଁ ତ ଆଉ କ'ଣ। ଅତ୍ୟାଧୁନିକ ମଣିଷ ନିଜର ରୁଚି, ନିଜର ଭାଷା, ନିଜର ସଉକ, ଅନ୍ୟମାନଙ୍କ ଉପରେ ଲଦି ଦେଇ ପାଏ କ'ଣ ? ସ୍ୱାଧୀନ ଜୀବନର ଧାରା ଭିତରେ ସେ ନିଜକୁ ହଜେଇ ଦେଉଥିବା ସମୟରେ ଅନ୍ୟମାନଙ୍କର ସରଳ ଜୀବନକୁ ଆକଟ କରି ନେଇ କ'ଣ ପାଏ !

ମୁଁ ବୁଝିପାରେ ଲିଟୁ ଆଉ ମିଟୁ ଉଭୟଙ୍କର ମନକଥାକୁ, ସେଦିନ ମୋର ଅନିଚ୍ଛା ସତ୍ତ୍ୱେ ସପନି ମୁଣ୍ଡା ଓ ତା'ର ସ୍ତ୍ରୀ ମୋତେ ସମର୍ପି ଦେଇଥିଲେ ଲିଟୁ ଆଉ ମିଟୁକୁ କିଛି ଟଙ୍କା ବିନିମୟରେ। ମମତାର ଡୋରିରେ ଥରେ ବାନ୍ଧି ହୋଇଗଲେ– ଜୀବନର ଗତି ବଦଳିଯାଏ। ଲିଟୁ ଆଉ ମିଟୁ ଉଭୟଙ୍କ ଠାରେ ମୁଁ ସବୁକିଛି ପାଇଥିଲି।

ସେଦିନ ଥିଲା ଅଶୁଭ ରାତ୍ରି। ବାରଣ୍ଡାରେ ହଠାତ୍ ଫଡ଼ଫଡ଼ ଶବ୍ଦରେ କେମିତି ଘରଟା କମ୍ପି ଉଠିଲା। ଲାଇଟ୍ ଅନ୍‌କରି ଚାହିଁଲି– ପିଞ୍ଜରାଟା ବାହାରେ ଭୁଲ୍‌ବଶତଃ ରହିଯାଇଛି। ବଡ଼ ଲମ୍ବା ସାପଟାଏ ବାଟକାଟି ଲାଇଟ୍ ଅତିକ୍ରମ କରି ଦୂର ଅନ୍ଧାରରେ ହଜି ଯାଉଛି। ତା'ପରେ କବାଟ ଖୋଲି ପିଞ୍ଜରାଟି ଯଥା ସ୍ଥାନରେ ରଖି ମୁଁ ବେଡ୍‌କୁ ଚାଲିଯାଇଥିଲି।

ତା'ପରଦିନ ସକାଳୁ ଚା' କପ୍‌ଟା ଓଠ ପାଖକୁ ନେଇ ଖବର କାଗଜଟା ଉପରେ ଆଖି ବୁଲାଇବାର ପ୍ରୟାସ କରୁଥିଲି। ମନଟା କାହିଁକି କେମିତି ଅଲଗା ଲାଗୁଥିଲା। ଜାଣିପାରିଲି– ସବୁଆଡ଼େ ଯେପରି ନୀରବତାର ବରଫ ପାହାଡ଼ ଜମାଟ ବାନ୍ଧି ରହିଛି। ଭାବିଲି କାଲି ରାତିରେ ଲିଟୁ, ମିଟୁ ବାହାରେ ରହିଯାଇଥିବାରୁ ଅଭିମାନରେ ବୋଧେ ମୋ' ବିରୁଦ୍ଧରେ ଗୋଟାଏ ରୀତି ମୁତାବକ ଷ୍ଟ୍ରାଇକ୍ ଘୋଷଣା କରି ପାଟି ବନ୍ଦ କରିଛନ୍ତି।

ମନଟାକୁ ବୁଝାଇ ନ ପାରି ସିଟ୍ ଛାଡ଼ି ଉଭୟଙ୍କ ପାଖକୁ ଗଲି। ଏଥର ନିଶ୍ଚୟ ଅଭିନୟ କରି ଜଣକ ଉପରେ ଆଉଜଣେ ମୁଣ୍ଡ ଦେଇ ଢୁଳାଇ ପଡ଼ିଛନ୍ତି। ଏକଦମ୍ ଚୁପ୍‌ଚାପ୍। ହଲ୍‌ଚଲ୍ ନାହିଁ। ଦୁଇଜଣଙ୍କର ଗୋଟାଏ ଖାସ୍ ଚୁକ୍ତି ମୋ' ପାଇଁ ଭଲକଥା। ମିସ୍ ନାହାନ୍ତି ସେଦିନ, ଲିଟୁ ଓ ମିଟୁର ଯୁଗଳବନ୍ଦୀ ଫଟୋ ମୋ'ଠାରୁ ଚାହୁଁଥିଲେ। ଏଯାଏଁ ତ କେବେ ଏ ଦୁଇଜଣଙ୍କର ଫଟୋ ଉଠାଇନି। ଦୁଇଜଣଙ୍କର ଗତିବିଧି ଲକ୍ଷ୍ୟ କରେ। ଆଜି ନିଶ୍ଚୟ ଲିଟୁ, ମିଟୁଙ୍କର ଯୁଗଳବନ୍ଦୀ ଫଟୋ ମିସ୍ ମହାନ୍ତିଙ୍କୁ ଦେଇ ସର୍‌ପ୍ରାଇଜ୍ କରିବି। ଯୁଗଳବନ୍ଦୀ ଲିଟୁ-ମିଟୁଙ୍କ ଆଡ଼କୁ ପାଦ ମୋର ପ୍ରସାରିତ ହୋଇ ଯାଉଥିଲା। କ'ଣ ଦୁଇଜଣଙ୍କର ମୋ' ପାଇଁ ଶେଷ ଚୁକ୍ତି। କ୍ଷତବିକ୍ଷତ ରକ୍ତାକ୍ତ ହୋଇ ଦୁଇଟି ପକ୍ଷୀ ଆଖି ବୁଜି ଦେଇଥିଲେ। ମୁଁ ସେମାନଙ୍କର ପ୍ରକୃତ ଘଟଣା ଜାଣିବାକୁ ଯିବା ପୂର୍ବରୁ ମୋ' ଦେହଟା ଭୂମିକମ୍ପ ପରି ଥରି ଉଠୁଥିଲା। ଗତ ରାତିର ସାପ ଆକ୍ରମଣକୁ ଶୁଆ ଦି'ଟା ପ୍ରତିହତ କରିପାରି ନାହାନ୍ତି!

ମୋ' ଆଖିରେ ବିଗତ ଦିନର ଦୁଇଟି ଆଦିବାସୀ ଦମ୍ପତିଙ୍କର ସମର୍ପଣ ଭାବ ନାଚି ଯାଉଥିଲା। ଆଖି ଆଗର ପୃଥିବୀଟା ଝାପ୍‌ସା ଦେଖାଯାଉଥିଲା। ବାପାଙ୍କ କଥା ମନେପଡୁଥିଲା। ବାପା କହିଥିଲେ କେବେ ସ୍ନେହ ଶ୍ରଦ୍ଧାରେ ଶୁଆ ପାଳିଲେ– ଶିଖାଇବୁ 'ହେ ଚକ୍ରଧର! ପକ୍ଷୀ ଜନ୍ମରୁ ମୋତେ ପାରିକର।'

ସେ ଫ୍ଲାଟ୍‌ର ସାଇଡ୍‌ରେ ନୂଆ କରି କାଲି ରାତିରେ ଆସିଥିବା ଇଞ୍ଜିନିୟର ବାବୁ– ତାଙ୍କ ପିଞ୍ଜରାଟା ଝୁଲାଇ ଦେଇ– 'ମିଟୁ', 'ମିଟୁ' ଡାକି– ସକାଳୁ ଖାଇବା ପ୍ଲେଟ୍ ଓ ପାଣି ରଖି ଦେଇ କେତେବେଳୁ ଗଲେଣି। ତାଙ୍କ ପିଞ୍ଜରା ଭିତରେ ନୂଆ ଜାଗା ଭାବି ଶୁଆଟା କିନ୍ତୁ ନ ଖାଇ ଫଡ଼ଫଡ଼ ହେଉଛି।


ମୁଁ ଭାବୁଥିଲି ଯେ ଇଞ୍ଜିନିୟରକି ସାହେବ ଶୁଆଟିକୁ ପିଞ୍ଜରା ଭାଷା ଛାଡ଼ି ନିଶ୍ଚୟ ଓଡ଼ିଆ ଭାଷାରେ ଶିଖାଇଥିବେ 'ହେ ଚକ୍ରଧର! ପକ୍ଷୀ ଜନ୍ମରୁ ମୋତେ ପାରିକର।' ଯଦି ସେମାନେ ମୋ' ଶୁଆଙ୍କ ପରି ଇଂଲିଶ କହୁଥିବେ, ମୁଁ ତାଙ୍କୁ ନିଶ୍ଚୟ ଓଡ଼ିଆ ଶିଖାଇଦେବି।

–୨୯, ରୟାଲ୍ ଗାର୍ଡେନ୍, ଆଇଗିଣିଆ, ଭୁବନେଶ୍ୱର




# ପୁସ୍ତକ ପରିଚୟ

## ଭିଜାମାଟି
**ସଂପାଦିକା:** ଚିନ୍ମୟୀ ଷଡ଼ଙ୍ଗୀ
**ସାଇଜ୍:** ଏ-୪, **ପୃ:** ୨୧୦, **ମୂଲ୍ୟ:** ଟ.୧୦୦/-



ପତ୍ରିକାଟି ପ୍ରକାଶ ପାଇଛି ଜହ୍ନରାତି ବିଶେଷାଙ୍କ ଭାବେ। ଚିନ୍ମୟୀଙ୍କ ସଂପାଦକୀୟ ଜହ୍ନକୁ ନେଇ ଖୁବ୍ ଆବେଗ ପ୍ରବଣ। ସେ ଲେଖନ୍ତି: ‘‘ଜହ୍ନ ଦେଖି ନ ଥିବା ଆଜିର ପିଢ଼ିଙ୍କୁ ଦେଖିଲେ ଆଖିରେ ଲୁହ ଆସେ।’’ ଏଥିରେ ସ୍ଥାନିତ ଆଦିକନ୍ଦ ସାହୁଙ୍କ ‘ଚାନ୍ଦିନୀ ରାତି ଭାବ ପୀରତି’ ପ୍ରବନ୍ଧ। ‘ମନୋଜ ଦାସଙ୍କ ସୃଷ୍ଟିରେ ଜହ୍ନ’ ଶୀର୍ଷକ ନିବନ୍ଧ ଲେଖିଛନ୍ତି ସନ୍ତୋଷ ପଟ୍ଟନାୟକ। ଜହ୍ନକୁ ନେଇ ମନୋଜ ଦାସ, ଯଶୋଧାରା ମିଶ୍ର, ଅଧ୍ୟାପକ ବିଶ୍ୱରଂଜନଙ୍କ ଗଳ୍ପ, ଜହ୍ନକୁ ନେଇ ଫନୀ ମହାନ୍ତି, ମମତା ଦାଶ, ହୃଷୀକେଶ ମଲ୍ଲିକ ଓ ପ୍ରବାସିନୀ ମହାକୁଡ଼ଙ୍କ କବିତା, ଗୀତରେ ଗୀତରେ ଜହ୍ନରାତି ଓ ସାକ୍ଷାତ୍କାର ଇତ୍ୟାଦି ପତ୍ରିକାର ଗୌରବ ବୃଦ୍ଧି କରିଛି।

## ବାଟୋଇ
**ସଂପାଦକ:** ଶତ୍ରୁଘ୍ନ ତରାଇ
**ସାଇଜ୍:** ଏ-୪, **ପୃ:** ୨୦୦, **ମୂଲ୍ୟ:** ଟ. ୧୦୦/-



ପ୍ରବନ୍ଧରେ ନଟବର ଶତପଥୀ, ବାସୁଦେବ ଦାସ, ସ୍ମରଣୀୟ କବିତାରେ ରାଧାମୋହନ ଗଡ଼ନାୟକ, କବିତାରେ ହରିହର ମିଶ୍ର, ହର ପ୍ରସାଦ ଦାସ, ଶତ୍ରୁଘ୍ନ ପାଣ୍ଡବ, ଆଶୁତୋଷ ପରିଡ଼ା, ଭଗବାନ ଜୟସିଂହ, ରକ୍ଷକ ନାୟକ; ଗଳ୍ପରେ ମନୋଜ ଦାସ, ଭୂପେନ ମହାପାତ୍ର, ତରୁଣ କୁମାର ସାହୁ, କୃପାସାଗର ସାହୁ, ଅନୀଲ କୁମାର ପାଢ଼ୀ, ନାରୀସ୍ୱରରେ ଭାଗ୍ୟଲିପି ମଲ୍ଲ, ଅଞ୍ଜୁମନ ଆରା, ଅଙ୍ଗୁରବାଳା ପରିଡ଼ା, ସଂଘମିତ୍ରା ଭଞ୍ଜ; ଅନୁବାଦରେ ବିଜୟ କୁମାର ପ୍ରଧାନ ଏବଂ ଗୀତି-କବିତାରେ ଅଛନ୍ତି ହୃଦାନନ୍ଦ ପାଣିଗ୍ରାହୀ, ନନ୍ଦକିଶୋର ସିଂହ, ଧନଞ୍ଜୟ ସ୍ୱାଇଁ ଓ ହଂସନାଥ ମୁଦୁଲି ପ୍ରମୁଖ। ପ୍ରଚ୍ଛଦରେ ଲୋକରୁଚି ପ୍ରତିଫଳିତ।

## ପଲକ
**ସଂପାଦକ:** ଶଶିକାନ୍ତ ଦାସ
**ସାଇଜ୍:** ଏ-୪, **ପୃ:** ୨୧୬, **ମୂଲ୍ୟ:** ଟ.୧୦୦/-



ଶକ୍ତି ଉପାସନା ସମ୍ବନ୍ଧିତ ପ୍ରବନ୍ଧ ଲେଖିଛନ୍ତି ବିପିନ ବିହାରୀ ମହାନ୍ତି, ବ୍ରହ୍ମାନନ୍ଦ ବିଶ୍ୱାଳ ଓ ମନୋରଞ୍ଜନ ବିଷୋୟୀ। ସାକ୍ଷାତ୍କାରରେ ଫନୀ ମହାନ୍ତି, ରକ୍ଷକ ନାୟକ ଓ ବାବାଜି ଚରଣ ଜେନା; ଗଳ୍ପରେ ବିଷ୍ଣୁ ସାହୁ, କାଳିନ୍ଦୀ ଚରଣ ଜେନା, ଅଳକା ଚାନ୍ଦ ଓ ଅନୀଲ କୁମାର ପାଢ଼ୀ; କବିତାରେ ସୌଭାଗ୍ୟବନ୍ତ ମହାରଣା, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଶ୍ରୀହରି ଧଳ, ହେମନ୍ତ କୁମାର ରାଉତ ଓ ସୁଶାନ୍ତ କୁମାର ନାୟକ। ଏଥିରେ ସ୍ଥାନ ପାଇଛି ଅଣୁ ଗଳ୍ପ ଓ ପୁସ୍ତକ ସମୀକ୍ଷା।

## ଶିବାନୀ
**ସଂପାଦକ:** ପୂର୍ଣ୍ଣଚନ୍ଦ୍ର ବହଳୀ
**ସାଇଜ୍:** ଏ-୪, **ପୃ:** ୧୮୦, **ମୂଲ୍ୟ:** ଟ.୧୨୦/-



ପ୍ରବନ୍ଧରେ ଅଛନ୍ତି ବୈରାଗୀ ଚରଣ ଜେନା, ନୀଳାଦ୍ରି ଭୂଷଣ ହରିଚନ୍ଦନ, ଅଭୟ ଦ୍ୱିବେଦୀ, ଅରବିନ୍ଦ ଗିରି, ଦିଲ୍ଲୀପ କୁମାର ସ୍ୱାଇଁ; ଗଳ୍ପରେ ଶାନ୍ତନୁ ଆଚାର୍ଯ୍ୟ, ସୁପ୍ରିୟା ପାଲ, ଝରଣା ପଟ୍ଟନାୟକ; କବିତାରେ ଅଛନ୍ତି ହୃଷୀକେଶ ମଲ୍ଲିକ, ଉପେନ୍ଦ୍ର ନାୟକ, ଶଶଧର ଦାସ, ହୃଦାନନ୍ଦ ପାଣିଗ୍ରାହୀ, ରାଧାରାଣୀ ମହାପାତ୍ର ଓ ଅବନୀ ପ୍ରଧାନ।

## ସ୍ୱୟଂସିଦ୍ଧା
**ସଂପାଦକ:** ସୁଶୀଳ କୁମାର ବାଗ
**ସାଇଜ୍:** ଏ-୪, **ପୃ:** ୧୦୮, **ମୂଲ୍ୟ:** ଟ.୫୦/-



ସଂପାଦକୀୟରେ ପ୍ରୟାତ ଲେଖକ ମନୋଜ ଦାସଙ୍କ ସ୍ମୃତିଚାରଣ ସାଙ୍ଗକୁ ମନୋଜ ସାହିତ୍ୟକୁ ନେଇ ଏକାଧିକ ମନନଶୀଳ ପ୍ରବନ୍ଧ ସ୍ଥାନିତ ହୋଇଛି। ଗଳ୍ପରେ ସ୍ଥାନ ପାଇଛନ୍ତି ସୁକାନ୍ତି ରାଉତ ଓ ବିବିଧ ବିଶ୍ୱ; କବିତାରେ ସୁରେଶ ସାଗର, ଗାୟତ୍ରୀବାଳା ପଣ୍ଡା ଓ ଜାକିର ଖାନ୍; ସମ୍ବଲପୁରୀ କବିତାରେ ସ୍ଥାନିତ ଚିନ୍ମୟ ସାହୁଙ୍କ ‘ଚଉକି’ କବିତା। ଅନୁବାଦରେ ବଙ୍ଗାଳୀ ନନ୍ଦଙ୍କ ସହ ଅଛନ୍ତି ଜ୍ୟୋତିରଞ୍ଜନ ବହିଦାର ଗ୍ରନ୍ଥ-ସମୀକ୍ଷାରେ।

## ଓଡ଼ିଆ ପର୍ବ
**ସଂପାଦକ:** ସନ୍ତୋଷ କୁମାର ସାହୁ
**ସାଇଜ୍:** ଏ-୪, **ପୃ:** ୧୨୪, **ମୂଲ୍ୟ:** ଟ.୫୦/-




ପର୍ବ ‘ରକ୍ଷକାୟନ’ ଭାବେ ପରିକଳ୍ପିତ ଓ ପ୍ରଚ୍ଛଦରେ କବି ରକ୍ଷକଙ୍କ ଫଟୋ ସ୍ଥାନିତ। ଅନ୍ତରଙ୍ଗ ଆଳାପରେ ଅଛନ୍ତି ରକ୍ଷକଙ୍କ ସହ ଦେବାର୍ଚ୍ଚନା ପ୍ରିୟଦର୍ଶିନୀ। ‘ରକ୍ଷକଙ୍କ ଦଶ ଦର୍ଶନ’ ଶୀର୍ଷକରେ ରକ୍ଷକଙ୍କ କବିତାର ସମୀକ୍ଷା କରିଛନ୍ତି ସନ୍ତୋଷ କୁମାର ସାହୁ। ‘ବାଲ୍ୟରୁ ବର୍ତ୍ତମାନ’ ଶୀର୍ଷକରେ ରକ୍ଷକଙ୍କ ଚାରିପୃଷ୍ଠାର ବହୁରଙ୍ଗୀ ଫଟୋଚିତ୍ର। ଏଥିସହିତ ରହିଛି କାହାଣୀ, ଅନୁବାଦ ଓ ଶେଷପୃଷ୍ଠାର ଅଭିବ୍ୟକ୍ତି।

## ଗୌରବ
**ସଂପାଦକ:** ସଙ୍କର୍ଷଣ ଦାଶ
**ସାଇଜ୍:** ଏ-୪, **ପୃ:**୨୮୮, **ମୂଲ୍ୟ:** ଟ.୧୪୦/-



ସଂପାଦକୀୟରେ ମାତୃଭାଷାର ବ୍ୟାବହାରିକ ବିଚ୍ୟୁତିକୁ ନେଇ ଖେଦ ପ୍ରକାଶ କରିଛନ୍ତି ସଂପାଦକ। ସ୍ମରଣୀୟ ଗଳ୍ପରେ ଅଛନ୍ତି ମନୋଜ ଦାସ ଓ ରାମଚନ୍ଦ୍ର ବେହେରା, ସାରସ୍ୱତ ଆତ୍ମକଥନରେ କ୍ଷୀରୋଦ ପରିଡ଼ା, ବିଶେଷ ପ୍ରତିବେଦନରେ ଶତ୍ରୁଘ୍ନ ପାଣ୍ଡବ ଓ ହୃଷୀକେଶ ମଲ୍ଲିକ, କବିତାର ବିଶେଷ ଉପସ୍ଥାପନାରେ ଉପସ୍ଥାପିତ ବସନ୍ତ ଋତୁ ସମ୍ପର୍କିତ ସଚ୍ଚି ରାଉତରାୟ, ଗୁରୁ ପ୍ରସାଦ ମହାନ୍ତି, ଭାନୁଜୀ ରାଓ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ସୌଭାଗ୍ୟ କୁମାର ମିଶ୍ର, ସରୋଜ ରଞ୍ଜନ ମହାନ୍ତି ଓ ପ୍ରତିଭା ଶତପଥୀଙ୍କ କବିତା। ପ୍ରବନ୍ଧରେ ବ୍ୟୋମକେଶ ତ୍ରିପାଠୀ, ଶାନ୍ତନୁ ରଥ ଏବଂ ଗପରେ ଅଛନ୍ତି ସୁଲୋଚନା ଦାସ, ତୁଳସୀ ଓଝା ଓ କବିତା ବାରିକ।

## ସୀମାନ୍ତ
**ସଂପାଦକ:** ଅଶୋକ କୁମାର ପଟ୍ଟନାୟକ
**ସାଇଜ୍:** ଏ-୪, **ପୃ:** ୧୪୨, **ମୂଲ୍ୟ:** ଟ. ୮୦/-



ସ୍ଥାନିତ ଅଳ୍ପଗଳ୍ପ, ଅନୁବାଦ ଗଳ୍ପ ଓ ଲୋକକଥା। ବିଶିଷ୍ଟ ସୃଜନ-ଚେହେରା: ରାମଚନ୍ଦ୍ର ବେହେରା, ଭୂପେନ ମହାପାତ୍ର, ଭାସ୍କର ଜେନା, ପରେଶ ପଟ୍ଟନାୟକ, ରମେଶ ପଟ୍ଟନାୟକ, ହଂସନାଥ ମୁଦୁଲି, ରବି ପଣ୍ଡା, ନିବାରଣ ଜେନା ଓ ଲକ୍ଷ୍ମୀ ଚାନ୍ଦ। ଅନୁସୃଜନରେ ଶ୍ୟାମଳୀ ସେନ୍‌ଗୁପ୍ତା, ନୀହାରିକା ମଲ୍ଲିକ, ମାୟାଧର ସାହୁ ଓ ମାନମୟୀ ରଥ।

## ସ୍ମୃତି ସାନ୍ତ୍ୱନା
**ସଂପାଦିକା:** ସବିତାରାଣୀ ବେହେରା
**ସାଇଜ୍:** ଏ-୪, **ପୃ:**୧୪୨, **ମୂଲ୍ୟ:** ଟ.୯୫/-



ପ୍ରଚ୍ଛଦରେ ନୂଆ ଚିନ୍ତା- ଶଙ୍ଖ ଉପରେ ଦେବୀ ଦୁର୍ଗାଙ୍କର ପ୍ରତିମୂର୍ତ୍ତି। ମନୋଜ ଦାସଙ୍କ କବିତା ସହ ରହିଛି ଏକ ବିଶେଷ ପ୍ରଶ୍ନୋତ୍ତର ‘ଆତ୍ମହତ୍ୟା’ ସମ୍ପର୍କରେ। ‘ଭାରତ ପଥିକ ମନୋଜ ଦାସ’ ଶୀର୍ଷକ ପ୍ରବନ୍ଧ ଲେଖିଛନ୍ତି ବ୍ରଜମୋହନ ମିଶ୍ର। ବିଭାଗଗୁଡ଼ିକର ନାମକରଣରେ ରହିଛି ନୂତନତା, ଯେପରି ଗଳ୍ପ ବିଭାଗର ଶୀର୍ଷକ ରଖାଯାଇଛି ‘ଗଳ୍ପ ମୁରୁଜ’ ଓ କବିତା ବିଭାଗର ଶୀର୍ଷକ ‘କବିତା ଉଚ୍ଛ୍ୱାସ’।

## ସୃଜନ ସ୍ୱପ୍ନ
**ସଂପାଦିକା:** ଦେବଶ୍ରୀ ଧଳ
**ସାଇଜ୍:** ଏ-୪, **ପୃ:**୨୧୬, **ମୂଲ୍ୟ:** ଟ.୧୨୦/-



ସୃଜନ-ସଂସ୍କୃତି, ସୃଜନ ଜୀବନାୟନ, ସୃଜନସ୍ମୃତି ଅନୁଭୂତି, ସୃଜନସମ୍ଭାର, କାବ୍ୟ-ସୃଜନ, କଥା-ସୃଜନ, ସୃଜନ ଅନୁସୃଜନ, ଗୀତି-ସୃଜନ, ସୃଜନ-ସମୀକ୍ଷା, ସୃଜନ-ଉପନ୍ୟାସ ଓ ସୃଜନ-ଶେଷପୃଷ୍ଠା ଶୀର୍ଷକରେ ବହୁ ପ୍ରତିଭାଦୀପ୍ତ ଲେଖିକା ଲେଖକଙ୍କ ଲେଖାରେ ପତ୍ରିକାଟି ସମୃଦ୍ଧ।

## ଯୁଗଶ୍ରୀ ଯୁଗନାରୀ
**ସଂପାଦିକା:** ମମତା ମହାପାତ୍ର
**ସାଇଜ୍:** ଏ-୪, **ପୃ:**୨୫୮, **ମୂଲ୍ୟ:** ଟ.୮୦/-



ପ୍ରଚ୍ଛଦରେ ରହିଛି ଦ୍ରୌପଦୀ ମୁର୍ମୁଙ୍କର ଫଟୋ ଓ ଭିତରେ ତାଙ୍କ କର୍ମମୟ ଜୀବନକୁ ନେଇ ଏକ ବିଶେଷ ଉପସ୍ଥାପନା। ‘ମହୀୟସୀ ମହିଳା।’ ଶୀର୍ଷକରେ ଅଭୟ ଦ୍ୱିବେଦୀ ଲେଖିଛନ୍ତି ଅମର ଶହୀଦ ପ୍ରୀତିଲତା ୱାଦେଦରଙ୍କ ସଂପର୍କରେ। ‘ଦିବ୍ୟତେଜ’ ଶୀର୍ଷକରେ ମନୋଜ ଦାସ ଚର୍ଚ୍ଚିତ, ଚର୍ଚ୍ଚା କରିଛନ୍ତି ବସନ୍ତ କୁମାର ପଣ୍ଡା ଓ ପ୍ରହଲ୍ଲାଦ ଚରଣ ମହାନ୍ତି। ପ୍ରୟାତ ମନୋରମା ମହାପାତ୍ରଙ୍କ ସ୍ମୃତିଚାରଣ କରିଛନ୍ତି ଅର୍ଚ୍ଚନା ନାୟକ। ପ୍ରବନ୍ଧ, ଗଳ୍ପ, ଅନୁବାଦ ଗଳ୍ପ, ରମ୍ୟ ରଚନା ଓ ଅନୁବାଦ କବିତାରେ ପତ୍ରିକାଟି ସମୃଦ୍ଧ।

## ଜଗତ ଜନନୀ
**ସଂପାଦକ:** ସୁଧାକର ନନ୍ଦ
**ସାଇଜ୍:** ୧/୮ ଡିମାଇ, **ପୃ:**୨୨୮, **ମୂଲ୍ୟ:** ଟ.୨୫/-



ମାଙ୍ଗଳିକ ପ୍ରଷ୍ଠ, ବିଶେଷ ଉପସ୍ଥାପନା, ଅନୁବାଦ ପ୍ରଷ୍ଠ, କଥାଟିଏ କହୁଁ, ସ୍ୱତନ୍ତ୍ର ରଚନା, ରମ୍ୟ ରଚନା ଓ ପୌରାଣିକ ଗଳ୍ପ ପ୍ରଷ୍ଠ ଆଦି ବିଭାଗରେ ଅଛନ୍ତି ବହୁ ପ୍ରତିଷ୍ଠିତ ଓ ନବୋଦିତ ପ୍ରତିଭା। ଅଛନ୍ତି ପ୍ରଶାନ୍ତ ନନ୍ଦ, ଅଚ୍ୟୁତାନନ୍ଦ ସାମଲ, ଭଜଗୋବିନ୍ଦ ଜେନା, ରଞ୍ଜନ କୁମାର ଦାସ, ଗୀତାରାଣୀ ଆଇଚ, ବିଜୟ ନାୟକ, ସଦାନନ୍ଦ ତ୍ରିପାଠୀ, ନିବାରଣ ଜେନା, ହୁସେନ ରବିଗାନ୍ଧୀ, ହୃଷୀକେଶ ମଲ୍ଲିକ, ସରୋଜିନୀ ଷଡ଼ଙ୍ଗୀ, ଧନଞ୍ଜୟ ସ୍ୱାଇଁ, ଅଶୋକ କୁମାର ମହାନ୍ତି, ଉପେନ୍ଦ୍ର ନାୟକ, କୃଷ୍ଣ କୁମାର ମହାନ୍ତି, ରଞ୍ଜନ ବାଗ୍, କୁଞ୍ଜବିହାରୀ ଧଳ ଓ ଆହୁରି ଅନେକ।